# ରେଙ୍ଗାଲିରେ ବେଆଇନ ପଥର ପରିବହନ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

## ୫ ହାଇୱା, ପୋକଲିନ ଓ ଷ୍ଟୋନ୍ ବ୍ରେକର ଜବତ; ସମସ୍ତ ଡ୍ରାଇଭର କୋର୍ଟ ଚାଲାଣ



କଣିହାଁ,୨୨।୨(ସମିସ): କଣିହାଁ ବ୍ଲକ ରେଙ୍ଗାଲି ଥାନା ପକ୍ଷରୁ ବେଆଇନ ପଥର ଖନନ ଓ ପରିବହନ ବିରୋଧରେ ବ୍ୟାପକ ଅଭିଯାନ ଚାଲିଥିବା ବେଳେ ଗତକାଲି ରାତ୍ରିରେ ଖଣ୍ଡ ବି ପଥର କୁଆଁରୀ–୨୦ାରୁ ଖାଲପାଳ ଗ୍ରାମ ନିକଟସ୍ଥ କ୍ରସର ଅଭିମୁଖେ ବେଆଇନ ଭାବେ କଳାମୁଗୁନି ପଥର ବୋଝେଇ କରି ଯାଉଥିବା ୫ଟି ହାଇୱାକୁ ପୁଲିସ ଜବତ କରିଥିଲା। ଏହାସହିତ ଘଟଣାସ୍ଥଳରୁ ଗୋଟିଏ ପୋକଲିନ ଓ ଗୋଟିଏ ଷ୍ଟୋନ୍ ବ୍ରେକର ମେସିନ୍‌କୁ ମଧ ଜବତ କରାଯାଇଥିଲା। ରବିବାର ତାଳଚେର ଖଣି ବିଭାଗ ପକ୍ଷରୁ ଯାଞ୍ଚ ପରେ ଜଣାପଡ଼ିଛି ଯେ ବିନା ଟ୍ରାଂଜିଟ ପାସ୍‌ରେ ପଥର ପରିବହନ ହେଉଥିଲା। ଏହାପରେ ସମସ୍ତ ଗାଡ଼ିକୁ ଜବତ କରାଯିବା ସହ ସମ୍ପୃକ୍ତ ଚାଳକଙ୍କୁ ମଧ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ କେସ୍ ନଂ ୪୮/୨୬ରେ ମାମଲା ରୁଜୁ କରାଯାଇ ଓଡି–୩୫ସି–୩୭୫୦ର ଚାଳକ ଜିତେନ୍ଦ୍ର ପ୍ରଧାନ, ଓଡି–୩୫ସି–୩୫୫୦ର ପୁଲସ୍ତି ବେହେରା, ଓଡି–୩୫ସି–୩୬୫୦ର ଗଣେଶ୍ୱର ପ୍ରଧାନ, ଓଡି–୧୯ଡ଼ି–୨୧୫୦ର କାଳନ୍ଦୀ ଚରଣ ସାମଲ ଓ ଓଡି–୧୯ଡ଼ି–୨୪୫୦ର ରଞ୍ଜନ ପଣ୍ଡାଙ୍କୁ ଗିରଫ କରାଯାଇଛି। ପରବର୍ତ୍ତୀକାଳରେ ସମସ୍ତ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନାଧିକାରିଣୀ ଚଞ୍ଚଳା ନାୟକ, କଣିହାଁ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପାଲଲହଡ଼ା ଏସଡିପିଓ କୈଳାଶଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## କତାଡ଼ା ଧଉରାବେଣୀ ଭିଏସ୍‌ଏସ୍‌ରେ ଆଇଏଫ୍‌ଏସ୍ ସିଦ୍ଧାର୍ଥ ଜୈନ

ଅନୁଗୋଳ, ୨୨।୨(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ରେଞ୍ଜ ଅନ୍ତର୍ଗତ କତଡ଼ା ସେକ୍ସନର କତଡା ଧଉରାବେଣୀ ବନ ସଂରକ୍ଷଣ ସମିତି (ଭିଏସଏସ) ଗସ୍ତ କରିଛନ୍ତି ଆଇଏଫଏସ ସିଦ୍ଧାର୍ଥ ଜୈନ। ଗତ ଫେବୃଆରୀ ୨୧ ତାରିଖରେ ନିଜ ଗସ୍ତ ସମୟରେ ସେ ସେଠାରେ ସଠିକ ତତ୍ତ୍ୱାବଧାନରେ ଚାଲିଥିବା କାଗଜ ପ୍ଲେଟ ତିଆରି ମେସିନର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ସ୍ଥାନୀୟ



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି ସାମଗ୍ରୀ ବିକ୍ରୟ କରି ସେମାନେ କିଭଳି ରୋଜଗାର କରୁଛନ୍ତି ଏବଂ ସେମାନଙ୍କ ଆର୍ଥିକ ସ୍ଥିତିରେ କିପରି ପରିବର୍ତ୍ତନ ଆସୁଛି ସେନେଇ ମଧ ପଚାରିଥିଲେ। ଉତ୍ପାଦିତ ସାମଗ୍ରୀର ଗୁଣବତ୍ତାକୁ ଆହୁରି ଉନ୍ନତ କରିବା ପାଇଁ ସେ ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଜୀବିକାକୁ ଅଧିକ ସୁଦୃଢ଼ କରିବା ଏବଂ ବଜାର ସୁବିଧା ପାଇଁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଲିଙ୍ଗରାଯୋଡ଼ିରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା



ଅନୁଗୋଳ, ୨୨।୨(ସମିସ): ଲିଙ୍ଗରାଯୋଡ଼ି ଗାଁରେ ଏକ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହୋଇଯାଇଛି। ତିନି ଦିନ ବ୍ୟାପୀ ଆୟୋଜିତ ହେଉଥିବା ଏହି



ସମାରୋହରେ ଗ୍ରାମବାସୀଙ୍କ ସହଯୋଗରେ କଳସ ଶୋଭାଯାତ୍ରା, ହୋମଯଜ୍ଞ, ବିଗ୍ରହ ପ୍ରତିଷ୍ଠା, ପାର୍ଶ୍ୱ ଦେବଦେବୀ ପ୍ରତିଷ୍ଠା, ନାମ ସଙ୍କୀର୍ତ୍ତନ ସହ ନଗର ପରିକ୍ରମା ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ଥିବାବେଳେ ଗ୍ରାମସଭାପତି ତରୁଣ ପ୍ରଧାନ, ସମ୍ପାଦକ ଅରକ୍ଷିତ ବେହେରାଙ୍କ ସମେତ ନୂଆ ମୌଜା ସରପଞ୍ଚ ବିକାଶଚନ୍ଦ୍ର ପ୍ରଧାନ, ନରୋତ୍ତମ ସାହୁ, ରଂଜିତ ପ୍ରଧାନ, ଅନନ୍ତ ପ୍ରଧାନ, ବାବୁଲା ଦେହୁରୀ, ପ୍ରଦୀପ୍ତ ଦେହୁରୀ, ଦୀନବନ୍ଧୁ ଦେହୁରୀ ଅଂଶଗ୍ରହଣ କରିଥିଲେ।

## ଏନ୍‌ଟିପିସି ପକ୍ଷରୁ ୮୧ ସ୍କୁଲକୁ ଡେସ୍କ-ବେଞ୍ଚ ପ୍ରଦାନ



କଣିହାଁ, ୨୨।୨(ସମିସ): ଏନଟିପିସି କଣିହାଁ ବ୍ଲକର ୭୨ଟି ଗାଁର ୮୧ଟି ସରକାରୀ ବିଦ୍ୟାଳୟରେ ୧୪୦୦ ଡୁଆଲ ଡେସ୍କ ବେଞ୍ଚ ପ୍ରଦାନ କରାଯାଇଛି। ଉକ୍ତ ଡେସ୍କ ବେଞ୍ଚ ବଣ୍ଟନ ଅଭିଯାନ ୨୯ ନଭେମ୍ବର ୨୦୨୫ରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଖଜୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଝରାବରାଣୀ ସ୍କୁଲକୁ ଡୁଆଲ୍ ଡେସ୍କ ମିଳିଥିଲା। ୭ ଫେବୃଆରୀ ୨୦୨୬ ସୁଦ୍ଧା, ବ୍ଲକର ସମସ୍ତ ୮୧ ସ୍କୁଲରେ ବେଞ୍ଚ ଡେସ୍କ ପ୍ରଦାନ କରାଯାଇଛି, ଯାହା ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି। ପରିମଳ କ୍ଷେତ୍ରରେ ଏନଟିପିସି ଷ୍ଟେସନ ସ୍କୁଲଗୁଡ଼ିକରେ ୭୫ଟି ଶୌଚାଳୟ ବ୍ଲକ ନିର୍ମାଣ କରିଛି। ଆଜି ପର୍ଯ୍ୟନ୍ତ ଏନଟିପିସି ୫୫୦ ଜଣ ଝିଅଙ୍କୁ ବାଳିକା ସଶକ୍ତିକରଣ ମିଶନ କାର୍ଯ୍ୟକ୍ରମ ଅଧୀନରେ ସାମିଲ କରି ତାଙ୍କର ଆତ୍ମବିଶ୍ୱାସ, ଦକ୍ଷତା ବିକାଶ ଏବଂ ଶିକ୍ଷାଗତ ପ୍ରେରଣା ବୃଦ୍ଧି ଦିଗରେ ସହାୟକ ହୋଇପାରିଥିବା କଥା ଏନଟିପିସି ଏକ ବିବୃତ୍ତିରେ ପ୍ରକାଶ କରିଛି।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

ବଣ୍ଡା, ୨୨।୨(ସମିସ): ହଣ୍ଡପା ଥାନା ଆମ୍ବମୁଣ୍ଡା ଗ୍ରାମର କୁନ୍ତଳା ନାୟକଙ୍କୁ ତାଙ୍କ ପଡ଼ୋଶୀ ବିଜୟ ନାୟକ, ସସ୍ମିତା ନାୟକ ମାଡ଼ ମାରିଥିବା କୁନ୍ତଳା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ କେସ୍ ନମ୍ବର ୬୨/୨୬ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ କୁନ୍ତଳା ୧୦ ଗୁଣ୍ଠର ଜମି କିଣିଥିବା ବେଳେ ଉକ୍ତ ଜମିକୁ କେନ୍ଦ୍ରକରି ବିଜୟ ଓ ସସ୍ମିତା ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସସ୍ମିତା ଏକ ପାଲଟା ଅଭିଯୋଗ କରିଛନ୍ତି ଯେ କୁନ୍ତଳା ତାଙ୍କୁ ଓ ତାଙ୍କ ସ୍ୱାମୀ ବିଜୟଙ୍କୁ ମାଡ଼ ମାରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ କେସ୍ ନମ୍ବର ୬୩/୨୬ରେ ଏକ ମାମଲା ରୁଜୁ କରିଛି।

## ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଶ୍ରମିକ ସମାବେଶ

କଣିହାଁ, ୨୨।୨(ସମିସ): ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) ଉଦ୍ୟୋଗରେ ରବିବାର ଗଦାଶିଳାସ୍ଥ ୟୁନିୟନ ଅଫିସଠାରେ ଏକ ବାର୍ଷିକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସଂପାଦକ ପ୍ରହ୍ଲାଦଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରମିକ ସମାବେଶରେ ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି)ର ସଭାପତି ଜୟସେନ




ମେହେର ଯୋଗ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଏଆଇୟୁଟିୟୁସିର ଅନୁଗୋଳ ଜିଲ୍ଲା ସଂପାଦକ ବ୍ରଜବନ୍ଧୁ ସାହୁ, ଏଆଇପିଏଫ୍ ଓଡିଶା ରାଜ୍ୟ ସଂପାଦକ ଦୁଃଖିଶ୍ୟାମ ମଲ୍ଲିକ, ୟୁନିୟନର ଯୁଗ୍ମସଂପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ ପ୍ରଧାନ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ-କର୍ମଚାରୀ ମାରଣ ନୀତିକୁ ବିରୋଧ କରିଥିଲେ। ନ୍ୟାୟସଂଗତ ଦାବିରେ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଏନଟିପିସି ଠିକା ଶ୍ରମିକ ପ୍ରତିନିଧି, ସ୍ଥାୟୀ କର୍ମଚାରୀ ପ୍ରତିନିଧି, ପିଜିସିଆଇଏଲ, ଏମସିଏଲର ଶ୍ରମିକ ପ୍ରତିନିଧି ୟୁନିୟନକୁ ଶକ୍ତିଶାଳୀ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ମତ ରଖିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଅନୁଗୋଳ/କିଶୋରନଗର, ୨୨।୨(ସମିସ): ଗାନ୍ଧୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବ୍ୟଙ୍ଗ କବି ବୈରାଗୀ ମଲ୍ଲିକ ମୁଖ୍ୟଅତିଥି ଭାବେ ମାତୃଭାଷାର ମହତ୍ତ୍ୱ ତଥା ଦେଶର ସମସ୍ତ ଭାଷାକୁ ସମ୍ମାନ କରିବା ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଦିବସର ମହତ୍ତ୍ୱ ତଥା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ସଙ୍ଗୀତା ଗଡନାୟକ ଓ ବରିଷ୍ଠ ଆଚାର୍ଯ୍ୟ ଅକ୍ରୂର ବେହେରା ମଞ୍ଚାସୀନ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଅକ୍ଷୟ ଦାଶ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଦିବସର ଶପଥ ପାଠ କରାଇଥିଲେ। ଆମ ଗୌରବ



ଆମ କଲେଜ ରାଜ୍ୟ ଶାଖା ତରଫରୁ ଆୟୋଜିତ କର୍ମଶାଳାରେ ଦେବେନ୍ଦ୍ରନାଥ ରାଉତ ମୁଖ୍ୟବକ୍ତା ରୂପେ "ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ମାତୃଭାଷା ହିଁ ଆମର ପ୍ରଥମ ଭାଷା। ମା, ମାଟି, ମାତୃଭାଷାର ରକ୍ଷା କରିବା ଆମ ସମସ୍ତଙ୍କର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ। ସମସ୍ତଙ୍କର ଘର ହେଉଛି ମାତୃଭାଷାର ଅନ୍ତୁଡିଶାଳ। ମାତୃଭାଷାର ପ୍ରଚାର ପ୍ରସାରରେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା। ଆମ କଲେଜ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ପ୍ରଶଂସା କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗ୍ରାମାଞ୍ଚଳ ଫୁଟବଲ ଲିଗ୍: କାଇଁଶିରିପାଲି ଫାଇନାଲରେ



ଅନୁଗୋଳ, ୨୨।୨(ସମିସ): ପିଟିସି ପଡ଼ିଆରେ ଚାଲିଥିବା ଅନୁଗୋଳ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍ ସେମିଫାଇନାଲ ମ୍ୟାଚରେ ଫପଣ୍ଡକୁ କାଇଁଶିରିପାଲି ୫-୦ ଗୋଲରେ ହରାଇ ଫାଇନାଲରେ ପହଞ୍ଚିଛି। ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଏବଂ ପୂର୍ବତନ ସାଂସଦ ମହେଶ ସାହୁ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ବିଜେଡି ନେତା ବିପ୍ଳବ ଜେନା, ଅରୁଣାଭ ସିଂହ, ଛାତ୍ର ବିଜେଡ଼ି ସଭାପତି ରାଜୀବ ଲୋଚନ ଦାସ, ବିଜେଡି ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, କାଉନସିଲର ବଳରାମ ଜେନା, ଯୁବ ନେତା ଦିନେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ବଲଣ୍ଡା ଓ ନାଲକୋ ମଧ୍ୟରେ ଅନୁଷ୍ଠିତ ହେବ।

## ରମେଶ ଜେନା ସ୍ମୃତି ପରିଷଦର ପ୍ରସ୍ତୁତି ବୈଠକ

ଅନୁଗୋଳ, ୨୨।୨(ସମିସ): ମାର୍ଚ୍ଚ ୧ତାରିଖ ରବିବାର କୁଲାଡ଼ ଏଫସିଆଇ ଛକଠାରେ ଅନୁଗୋଳର ପୂର୍ବତନ ବିଧାୟକ ସ୍ୱର୍ଗତ ରମେଶଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ କୁଲାଡ, ନାଲକୋନଗରଠାରେ ରମେଶ ଜେନା ସ୍ମୃତି ପରିଷଦର ଅଧ୍ୟକ୍ଷ ହେମନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଛାତ୍ରଛାତ୍ରୀଙ୍କୁ ରମେଶ ଜେନା ଶିକ୍ଷା ବୃତ୍ତି ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ଦିନରେ ରମେଶ ଜେନା ସ୍ମୃତି ପରିଷଦ ମୂଲ୍ୟବୋଧର ସ୍ମୃତିକୁ ଜୀବନ୍ତ ରଖି ସେବାର ସଂକଳ୍ପକୁ ଆଗେଇ ନେବାରେ ନିରନ୍ତର ପ୍ରୟାସ କରିବ। ଏହି ପରିଷଦ ଅସହାୟ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ସହାୟତା ପ୍ରଦାନ କରି ତାଙ୍କ ଭବିଷ୍ୟତକୁ ସୁଦୃଢ଼ କରିବାରେ ପ୍ରତିବଦ୍ଧ ରହିବ। ସମାଜ ସେବାର ଅଂଶରୂପ ପରିଷଦ ସ୍ୱାସ୍ଥ୍ୟ ସଚେତନତା, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରି ସୁସ୍ଥ ଓ ସଚେତନ ସମାଜ ଗଢ଼ିବାରେ ଅବଦାନ ରଖିବ। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସାମୂହିକ ସଚେତନତା ସୃଷ୍ଟି କରାଯିବ। ଶ୍ରମିକ କଲ୍ୟାଣକୁ ମୁଖ୍ୟ ଲକ୍ଷ୍ୟ କରି ପରିଷଦ ଶ୍ରମିକମାନଙ୍କ ଅଧିକାର, ସଚେତନତା ଓ ଆଇନଗତ ସୂଚନା ସହିତ ଆବଶ୍ୟକ ସହାୟତା ପ୍ରଦାନ କରିବ। ସ୍ୱର୍ଗତ ରମେଶ ଜେନାଙ୍କ ଆଦର୍ଶ ଓ ସେବାକୁ ସ୍ମରଣ କରି ପ୍ରତିବର୍ଷ ରମେଶ ଜେନା ସ୍ମୃତି ଦିବସ ପାଳନ କରାଯିବ ଏବଂ ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ଓ ଶିକ୍ଷାବୃତ୍ତି ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା। ଉକ୍ତ



ବୈଠକରେ ପରିଷଦର ସାଧାରଣ ସମ୍ପାଦକ ରାଜୀବ ଜେନା, ଉପଦେଷ୍ଟା ବିପ୍ଳବ ଜେନା, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାସ୍କର ସାହୁ, ବସନ୍ତ ପାତ୍ର, ବିଜନ ଦଳବେହେରା, ନିରୋଦ ଧୀର, ତ୍ରିନାଥ ସାହୁ, ସନାତନ କଅଁର, ଅମିୟ ନାୟକ, ମନୋଜ ସାହୁ, ବିରଞ୍ଚି ସ୍ୱାଇଁ, ବିଭବ ଜେନା, ବସନ୍ତ ଦଳବେହେରା, ମହିମା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବୋଦୟ ରେଡିଓ ପକ୍ଷରୁ ନିର୍ବାହୀ ଅଧିକାରୀ ସମ୍ବର୍ଦ୍ଧିତ



ଅନୁଗୋଳ, ୨୨।୨(ସମିସ): ବାଜିରାଉତ୍ ଛାତ୍ରାବାସରେ ଆୟୋଜିତ ହେଉଥିବା ସର୍ବୋଦୟ ରେଡ଼ିଓର ପ୍ରଥମ ବାର୍ଷିକ ଉତ୍ସବର ଉଦଯାପନୀ ଦିବସରେ ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତବର୍ଷ ଲକ୍ଷ୍ମଣ ଗୋଛାୟତ ନାମକ ଜଣେ ସଫେଇ କର୍ମଚାରୀଙ୍କୁ ଯେଭଳି ଭାବେ ଆଡ଼ମ୍ବରପୂର୍ଣ୍ଣ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ସେନେଇ ସର୍ବୋଦୟ ସମାଜ ପକ୍ଷରୁ ଉଚ୍ଚ ପ୍ରଶଂସା କରିବା ସହ ନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ଗାନ୍ଧୀବାଦୀ କ୍ରିଷ୍ଣା ମହାନ୍ତି, ରେଡ଼ିଓ କମିଟି ସଭାପତି ଡ଼ା ଧରଣୀଧର ନାଥ ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାରୋହରେ ଜିପି ସୁବାସ ସାହୁ, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ, ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଧଉରାପାଲ୍ଲୀ ପୋଲ ରାସ୍ତାରେ ଖାଲ



କିଶୋରନଗର, ୨୨।୨(ସମିସ): ପୂର୍ତ୍ତ ବିଭାଗର ଅଣଦେଖା ଯୋଗୁଁ ରାସ୍ତା ଅବସ୍ଥ ଶୋଚନୀୟ ହେବାକୁ ବସିଛି। କିଶୋରନଗରରୁ ଧଉରାପାଲ୍ଲୀ ଯିବା ପୂର୍ତ୍ତ ରାସ୍ତାର ଏକ ପୋଲ ଉପର ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତକୁ ମରାମତି କରିବା ପ୍ରତି ପୂର୍ତ୍ତ ବିଭାଗ ଅଣଦେଖା କରୁଥିବାରୁ ଏହି ରାସ୍ତା ଉପରେ ନିର୍ଭରଶୀଳ ପଥିକ, ଛାତ୍ରଛାତ୍ରୀ, ରୋଗୀ ଓ ଯାତାୟାତ କରୁଥିବା ଯାନବାହନ ପାଇଁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ତ୍ରିଲୋଚନ ସାର୍ ଆଉ ନାହାନ୍ତି

କିଶୋରନଗର, ୨୨।୨(ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁଷୁଣୀ



ଗାଁର ଯୁବ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ଆଜି ନିଜ ବାସଭବନରେ ପରଲୋକ ଘଟିଛି। ରାତିରେ ଖାଇସାରି ଶ୍ରୀ ବେହେରା ଶୋଇଥିଲେ। ଆଜି ସକାଳେ ତାଙ୍କୁ ପରିବାର ଲୋକେ ଉଠାଇବା ବେଳେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ଖବରପ୍ରଚାର ହେବାପରେ ନିଜ ଗାଁ ଓ ସମଗ୍ର ଅଞ୍ଚଳର ଶିକ୍ଷକ ଓ ଛାତ୍ରଛାତ୍ରୀ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଛାତ୍ର ବତ୍ସଳ, ମେଳାପୀ ଅମାୟିକ ଶିକ୍ଷକ ଥିଲେ। ସରୋଜ ଏବେ ତେନ୍ତୁଲାପାଣି ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ରଣିଆକଟା କ୍ଲଷ୍ଟରର ସିଆରସିସି ଭାବେ ଦାୟିତ୍ୱ ତୁଲାଇଥିଲେ।

## ଲକ୍ଷ୍ମୀପ୍ରିୟାପୁରରେ ଦୁଲେଇ ଲୁସେଇ ପରବ



ପାଲଲହଡ଼ା, ୨୨।୨(ସମିସ): ପାଲଲହଡା ଉପଖଣ୍ଡ ପେଚାମୁଣ୍ଡି ଗ୍ରାମପଞ୍ଚାୟତ ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ମା' ଗ୍ରାମଶ୍ରୀ ଦୁଲେଇ ଲୁସେଇ ପରବ ସମ୍ପନ୍ନ ହୋଇଛି। ମୁଖ୍ୟଅତିଥି ଭାବରେ ପାଲଲହଡ଼ା ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ, ସମିତିସଭ୍ୟ ରଞ୍ଜନ ବାରିକ, ସାଧୁ ଚାତମ୍ବା, ଈଶ୍ୱର ଜଙ୍ଗ, ସୁଦର୍ଶନ ନାୟକ, ତନ୍ମୟ ବାରିକ, ଜିତୁ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

# ତାଳଚେର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବାୟୋପାର୍କ ପ୍ରତିଷ୍ଠା କେବେ


ତାଳଚେର, ୨୨।୨(ସମିସ): ତାଳଚେର ରାଜ୍ୟର ଏକ ପ୍ରମୁଖ ଶିଳ୍ପାଞ୍ଚଳ ହୋଇଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ କୋଇଲା ଖଣି ଯୋଗୁଁ ଏଠାରେ ଥିବା ଜଙ୍ଗଲ ଜମିଗୁଡିକ ସମ୍ପୂର୍ଣ୍ଣଭାବେ ଉଜୁଡି ଯାଇଛି। ଫଳରେ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲଗୁଡିକରେ ରହୁଥିବା ଜୀବଜନ୍ତୁ ଓ ପକ୍ଷୀଙ୍କର ବାସସ୍ଥଳୀଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଉତ୍ତପ୍ତ ତାଳଚେର ବାୟୁମଣ୍ଡଳ ଧୂଳିଧୂଆଁ ଯୋଗୁଁ ପ୍ରଦୂଷିତ ହୋଇପଡୁଥିବାରୁ ଅଞ୍ଚଳବାସୀ ଖୋଲାପବନ ଓ ଶୁଦ୍ଧଜଳ ଟିକେ ପାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାଳଚେରକୁ ସର୍ବଭାରତୀୟ ସ୍ତରରେ



ଏକ ପ୍ରଦୂଷିତ ଅଂଚଳ ବୋଲି ଚିହ୍ନଟ କରିଛି। କିଛି ବର୍ଷ ତଳେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବାୟୋପାର୍କ ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନକୁ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଆଜି ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ରାଣୀପାର୍କଠାରେ ଶହଶହ ଏକର ଜମି ରହିଥିବାରୁ ଏହି ବାୟୋପାର୍କ ପ୍ରତିଷ୍ଠା କରାଯିବାକୁ ପୂର୍ବରୁ ଦାବି ହୋଇଥିଲା। ଏଠାରେ ଏନଟିପିସି ପକ୍ଷରୁ ୨ଟି ବିଦ୍ୟୁତ୍ ପ୍ରକଳ୍ପ ସହ କଣିହାଁ ଡେରେଙ୍ଗଠାରେ ମଧ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଖଣିରୁ ସଡକ ପଥରେ କୋଇଲା ପରିବହନ ଯୋଗୁଁ ଏସବୁ କାରଣରୁ ଲୋକମାନେ ବିଭିନ୍ନ ରୋଗରେ ପଡୁଛନ୍ତି। ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ବାୟୋପାର୍କ ନିର୍ମାଣ ହେଲେ ବିଭିନ୍ନ ଜୀବଜନ୍ତୁ ରହିବା ସହ ଜଙ୍ଗଲ ସୃଷ୍ଟି ହୋଇ ତାଳଚେର ପ୍ରଦୂଷଣ ମୁକ୍ତ ହୋଇପାରିବ ବୋଲି ପରିବେଶବିତ୍ ମତ ବ୍ୟକ୍ତ କରିଛନ୍ତି। ତେବେ ତାଳଚେରକୁ ଲାଗି ରହିଥିବା ରାଣୀପାର୍କ ଜଙ୍ଗଲକୁ ପୁନରୁଦ୍ଧାର କରାଯାଇ ସେଠାରେ ବିଭିନ୍ନ କିସମର ଚାରାରୋପଣ କରାଯିବା ସହ ଏକ ହରିଣପାର୍କ ପ୍ରତିଷ୍ଠା କରିବାପାଇଁ ଦୀର୍ଘଦିନରୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ବେଳେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ ଓ ଜଙ୍ଗଲ ସଂରକ୍ଷଣ ପାଇଁ ବିଭିନ୍ନ ସମୟରେ ପରିବେଶ କର୍ମୀ ଏବଂ ବିଦ୍ୟାଳୟ, ମହାବିଦ୍ୟାଳୟ, ଏନସିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନ କରାଯାଉଛି। ଅନ୍ୟପକ୍ଷରେ ଏମସିଏଲ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ରାଣୀପାର୍କର ନନ୍ଦନକାନନ ପ୍ରତିଷ୍ଠା କରିବା ବାଧା ସୃଷ୍ଟି ହେବ ନାହିଁ ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି।

# ବରଯାତ୍ରୀଙ୍କୁ ଆକ୍ରମଣ, ୧୦ରୁ ଅଧିକ ଆହତ

ପଟ୍ଟାମୁଣ୍ଡାଇ,୨୨।୨(ସମିସ)



ବିବାହର ଖୁସି ମାହୋଲ ମଧ୍ୟରେ ଅପ୍ରତ୍ୟାଶିତ ଭାବେ ବରଯାତ୍ରୀଙ୍କୁ ଆକ୍ରମଣ ଘଟଣା ଅଞ୍ଚଳରେ ଚର୍ଚ୍ଚା ଓ ଉତ୍ତେଜନା ସୃଷ୍ଟି କରିଛି। ଏହି ଆକ୍ରମଣରେ ୧୦ରୁ ଅଧିକ ବରଯାତ୍ରୀ ଆହତ ହୋଇଥିବାବେଳେ ସେମାନେ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକର ବଲୁରିଆ ଗ୍ରାମରୁ ବରଯାତ୍ରା ଭୁବନେଶ୍ୱରକୁ ବାହାରିଥିଲା। ବିବାହକୁ ନେଇ ସମସ୍ତେ ଖୁସି ମିଜାଜରେ ଥିବା ସହ ବରଯାତ୍ରୀ ନାଚଗୀତରେ ମଗ୍ନ ଥିଲେ। ହଠାତ କିଛି ଅଜଣା ବ୍ୟକ୍ତି ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି ହୋଇଥିଲା ଓ ଖୁସିର ପରିବେଶରେ ଶୋକରେ ପରିଣତ ହୋଇଯାଇଥିଲା। ଆକ୍ରମଣରେ ପ୍ରାୟ ୧୦ରୁ ଅଧିକ ବରଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସ ଘଟଣାସ୍ଥଳରେ ମୁତୟନ ହୋଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ସମୟରେ ଗ୍ରାମବାସୀ ଓ ବରପକ୍ଷ ଲୋକ ରାସ୍ତାରୋକ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବରଙ୍କ ମାଆ କବିତା ମଲିକ କହିଛନ୍ତି, ବିବାହ ଭଳି ଖୁସି ଅବସରରେ ଏପରି ଆକ୍ରମଣ ଘଟଣା ଆମକୁ ଗଭୀର ଭାବେ ମର୍ମାହତ କରିଛି। ଦୋଷୀଙ୍କ ବିରୋଧରେ ପୁଲିସ କଠୋର ପଦକ୍ଷେପ ନିଅନ୍ତୁ। ସେହିପରି ବରଯାତ୍ରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଆମେ ସମସ୍ତେ ନାଚଗୀତ କରୁଥିବାବେଳେ ହଠାତ କିଛି ଲୋକ ଆସି ଆମକୁ ଆକ୍ରମଣ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଅନେକ ଆହତ ହୋଇଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣର କାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଯାଉଛି।

**ବଲୁରିଆରେ ଉତ୍ତେଜନା, ପୁଲିସ ଫୋର୍ସ ମୁତୟନ**

## ଆବାସ ଯୋଜନା ସାତସପନ

# କୁଡ଼ିଆ ଘରେ ବିତୁଛି ବୃଦ୍ଧା ପାର୍ବତୀଙ୍କ ଜୀବନ

ମହାକାଳପଡ଼ା, ୨୨।୨ (ସମିସ): ଗରିବ ଓ ଜନଜାତି ଲୋକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଏକ ପରେ ଏକ ଯୋଜନା ଘୋଷଣା ହେଉଥିବା ସତ୍ତ୍ୱେ ତୃଣମୂଳ ସ୍ତରରେ ତାହାର ସଠିକ୍ କାର୍ଯ୍ୟକାରୀ ହେଉ ନ ଥିବାର ଜୀବନ୍ତ ଉଦାହରଣ ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର ସିଂପଡା ଗାଁରେ ଦେଖିବାକୁ ମିଳିଛି। ଏଠାରେ ଜନଜାତି ସମୁଦାୟର ୬୫ ବର୍ଷୀୟା ପାର୍ବତୀ ସିଂ ସ୍ୱାମୀଙ୍କ ମୃତ୍ୟୁର ପ୍ରାୟ ୩୦ ବର୍ଷ ପରେ ମଧ୍ୟ ଭଙ୍ଗା କୁଡ଼ିଆ ତଳେ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ବୟସର ଭାର ସହ ଦୃଷ୍ଟିଶକ୍ତି କମିଯାଇଥିବା ପାର୍ବତୀ ଦିନକୁ ଦିନ ଜୀବନ ସଂଗ୍ରାମରେ ହାର୍ ମାନୁଛନ୍ତି। ପେଟ ଭୋକ ମେଣ୍ଟାଇବା ପାଇଁ ସେ ଗହୀରପାଟ ବିଲ ଓ ଧାନଖେତରୁ ଅବଶିଷ୍ଟ ଧାନ ପେଣ୍ଡା ସଂଗ୍ରହ କରି ଦୁଇମୁଠା ଖାଦ୍ୟ ଯୋଗାଡ଼ କରୁଥିବାବେଳେ ଅନେକ ସମୟ ଉପବାସରେ ରାତି କାଟିବାକୁ ପଡୁଛି।



ଛିଣ୍ଡା ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ଭାଗ୍ୟକୁ ଆଦରି ଜୀବନର ଅବଶିଷ୍ଟ ଦିନ ଗଣୁଛନ୍ତି ଏହି ବୃଦ୍ଧା। ସରକାରୀ ଯୋଜନା ଥିଲେ ମଧ୍ୟ ପାର୍ବତୀଙ୍କ ପାଇଁ ସେଗୁଡିକ ସାତସପନ ହୋଇରହିଛି। ତାଙ୍କ ନିକଟରେ ନାହିଁ ରାସନ୍ କାର୍ଡ, ନାହିଁ ଆବାସ ଯୋଜନାରେ ପକ୍କାଘର, ନାହିଁ ବିଧବା ଭତ୍ତାର ସୁବିଧା। ବିଧବା ଭତ୍ତା ପାଇବା ଆଶାରେ ବିଭିନ୍ନ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇପଡିଥିବାବେଳେ କୌଣସି ସ୍ପଷ୍ଟ ସହାୟତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଜନଜାତି ଲୋକଙ୍କ ପାଇଁ ଘୋଷିତ ଯୋଜନା ସ୍ଥାନୀୟ ସ୍ତରରେ ଲାଗୁ ହେବାରେ ଅବହେଳା ହେଉଛି। ଫଳରେ ଅସହାୟ ପରିବାର ଲାଭରୁ ବଞ୍ଚିତ ହେଉଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ଶୀଘ୍ର ପାର୍ବତୀଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୨୨।୨(ସମିସ): ଖମୋଲ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌଦାମିନୀ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଶିକ୍ଷାବିତ୍ ଲଲାଟ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ମଣ୍ଡଳ ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ସହଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖମୋଲ ସରପଞ୍ଚ ତୃପ୍ତିମୟୀ କର, ଶିକ୍ଷାବିତ ଶରତ ଆଚାର୍ଯ୍ୟ, ସିଆରସିସି ପ୍ରମୋଦ ମଲ୍ଲ ଓ ପ୍ରଧାନଶିକ୍ଷକ ଖଗେଶ୍ୱର ନାଥ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କ ଛାତ୍ର ବତ୍ସଳତା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅତିଥି, ସହକର୍ମୀ ଓ ଛାତ୍ରାଭିଭାବକ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗାଭରଣ ଓ ଉପହାର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ଭଜକୃଷ୍ଣ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସିଆରସିସି ନିର୍ମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଖମୋଲ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଭିଭାବକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଲେଇ, ମାନସୀ ମହାପାତ୍ର ଓ ପୁରାତନ ଛାତ୍ର ପରିଚାଳନା କରିଥିଲେ।

## ● ବନ୍ଧୁକ ଦେଖାଇ ୧ ଲକ୍ଷ ଦାଦାବଟି ଦାବି

# ୮ ଜଣଙ୍କ ବିରୋଧରେ ମାମଲା; ୩ ଗିରଫ

କେନ୍ଦ୍ରାପଡ଼ା,୨୨।୨(ସମିସ): ଶାନ୍ତ ଥିବା କେନ୍ଦ୍ରାପଡ଼ା ଜିଲ୍ଲାରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହେବା ଘଟଣା ସାମ୍ନାକୁ ଆସିଛି। ନଦୀବନ୍ଧରେ ଚାଲିଥିବା ପଥର ସ୍ପର ନିର୍ମାଣ କାମରେ ନିୟୋଜିତ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଦାବି କରିବା ଘଟଣାରେ ପୁଲିସ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, କପାଳେଶ୍ୱର ଅଞ୍ଚଳର ସୁନୀଲ ମହାନ୍ତି (୪୦) କୁଦାନଗରୀ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ସାନ୍ତନୁ କୁମାର ମଲ୍ଲିକଙ୍କ ନାମରେ ନଦୀବନ୍ଧରେ ପଥର ସ୍ପର ନିର୍ମାଣ କାମ ଚାଲିଥିବାବେଳେ ନାରାୟଣ ନାଥ ସୁପରଭାଇଜର ଭାବେ କାମ କରୁଥିଲେ। ଏହି ସମୟରେ କିଛି ସ୍ଥାନୀୟ ଯୁବକ ଘଟଣାସ୍ଥଳକୁ ଆସି କାମ ବନ୍ଦ କରିବା ସହ ସୁପରଭାଇଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ। ପରେ ଅଭିଯୁକ୍ତମାନେ ପୁଣି ଘଟଣାସ୍ଥଳକୁ ଆସି ଦାଦାବଟି ଦାବି କରିବା ସହ ଭୟଭୀତ କରିଥିଲେ। ଏହି ସମୟରେ ଫୋନପେ ମାଧ୍ୟମରେ ୧୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ପରେ ପୁଣି ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଠିକାଦାର ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସ୍ଥାନୀୟ ତଦନ୍ତ ଓ ପଚାରାଉଚରା ପରେ ସୁମନ୍ତ ଦାସ, ସୁଜିତ, ଦେବୁନା, ବୁବୁ, ଆଦିତ୍ୟ, ପାର୍ଥ ସାରଥୀ ଦାସ, ଏସ୍.କେ ଅରମାନ ଓ ଏସ୍.କେ ଚାନ୍ଦଙ୍କ ସଂପୃକ୍ତି ସାମ୍ନାକୁ ଆସିଥିଲା। ପୁଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି। ଏ ନେଇ କୁଦାନଗରୀ ପୁଲିସ ମାମଲା ରୁଜୁ କରି ଏସ୍‌ଆଇ କୈଳାସ ପରିଡାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛି। ପୁଲିସ ଘଟଣାର ସମସ୍ତ ପ୍ରସଙ୍ଗ ଉପରେ ତଦନ୍ତ ଚାଲୁ ରଖିଛି। ଯୁବକମାନେ ରୋଜଗାର ଛାଡ଼ି ଦାଦାବଟି ଆଦାୟ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବାବେଳେ କେନ୍ଦ୍ରାପଡ଼ାରେ ପୁଣି ଅପରାଧୀ ଗ୍ୟାଙ୍ଗ ସକ୍ରିୟ ହେଉଥିବା ନେଇ ସାଧାରଣ ଲୋକ ଚିନ୍ତା ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ

ଡେରାବିଶ,୨୨।୨(ସମିସ): ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ଆଜି ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଓ ବିଆରସିସି ଦେବଦତ୍ତ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ୪୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ କଟକ ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଓ ଯାଜପୁର ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକଙ୍କ ପୀଠକୁ ପରିଦର୍ଶନରେ ଯାଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ସ୍ୱାଇଁ ଓ ଆଲୋକ ବେହେରା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଲଳିତଗିରିରେ ବୁଦ୍ଧଙ୍କ ବିଭିନ୍ନ ମୁଦ୍ରାରେ ରହିଥିବା ମୂର୍ତ୍ତି ଓ ବୁଦ୍ଧଙ୍କ ଅସ୍ଥିକୁ ବୁଲାଇ ଦେଖାଇବା ସହିତ କିପରି ଆମ ଅଞ୍ଚଳରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଓ ସେତେବେଳର ଆଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ। ପରେ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମହାବିନାୟକଙ୍କ ପୀଠକୁ ନେଇ ପ୍ରଭୁ ବିନାୟକଙ୍କ ଦର୍ଶନ କରାଇବା ସହିତ ଏହାର ମନୋରମ ପ୍ରାକୃତିକ ପରିବେଶକୁ ବୁଲାଇ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ ଜେନା, ସୁଶାନ୍ତ ନାୟକ, ଗୋକୁଳ ତ୍ରିପାଠୀ, ଦୀପକ ଦାଶ, ଭବାନୀଶଙ୍କର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



# ସ୍କୁଟିରୁ ଖସିପଡ଼ି ଅଙ୍ଗନବାଡି ସହାୟିକାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨୨।୨(ସମିସ): କାମେଶ୍ୱର ଯାତ୍ରା ଦେଖି ଫେରୁଥିବାବେଳେ ସ୍କୁଟିରୁ ଗଳିପଡି ଜଣେ ଅଙ୍ଗନବାଡି ସହାୟିକାଙ୍କ ମୃତ୍ୟୁ ଘଟିଛି। ମୃତକ ଗରଦପୁର ପତିସାହି ଅଙ୍ଗନବାଡି କେନ୍ଦ୍ରର ସହାୟିକା ବନଲତା ପତି। ଶନିବାର ରାତି ପ୍ରାୟ ୧୦ଟା ସମୟରେ ସେ ପୁଅ ସତ୍ୟଜିତ ପଣ୍ଡାଙ୍କ ସହ ସ୍କୁଟିରେ କାମେଶ୍ୱର ଯାତ୍ରା ଦେଖି ଘରକୁ ଫେରୁଥିଲେ। ପନ୍ଦିଆପହଣା ସେତୁ ନିକଟରେ କୌଣସି କାରଣରୁ ହଠାତ୍ ସେ ସ୍କୁଟିରୁ ଖସିପଡ଼ିଥିଲେ। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପାଟକୁରା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନଲତା ପତିଙ୍କ ଅକାଳ ମୃତ୍ୟୁରେ ଗରଦପୁର ଓ ପତିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ତରାଣ୍ଡୋ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୨।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତରାଣ୍ଡୋସ୍ଥ ତରାଣ୍ଡୋ ହାଇସ୍କୁଲର ୧୯୮୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଜଜାଙ୍ଗ-ଗରାପୁର ଗ୍ରାମ ଦ୍ୱୟର ଅଧିଷ୍ଠାତ୍ରୀ ଦେବୀ ମା' ବେଲମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ପାଞ୍ଚ ଦଶନ୍ଧି ପରେ ପୁଣିଥରେ ଏକତ୍ରିତ ହୋଇ ପୁରାତନ ସହପାଠୀ ସ୍କୁଲ ଜୀବନର ଅମୂଲ୍ୟ ସ୍ମୃତିକୁ ପୁନଃ ସ୍ମରଣ କରିଥିଲେ। ପରସ୍ପର ସହିତ ଅତୀତର ସ୍ମୃତି ବାଣ୍ଟିବା ସହ ବନ୍ଧୁତ୍ୱର ଗଭୀର ସମ୍ପର୍କକୁ ଆହୁରି ମଜବୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହ ଭଦ୍ର, ଶରତ ବିଶ୍ୱାଳ, ପ୍ରଦୀପ ରାଉତ, ସୁଶୀଳ ପ୍ରଧାନ, ବସନ୍ତ ପତି, ଅନନ୍ତ ପଲାଇ, ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ବନ୍ଦନା ପାଣି, ରାଜେନ୍ଦ୍ର ତ୍ରିପାଠୀ, ସୁକାନ୍ତ ବିଶ୍ୱାଳ, ଅଜୟ ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ,



ଗଙ୍ଗାଧର ସ୍ୱାଇଁ, ପ୍ରମୋଦ ସିଂ, ସହଦେବ ବେହେରା, ରମେଶ ଦାସ, ପହଲି ଭଦ୍ର, ଉମେଶ ଜେନା, ବିବେକ ମହାନ୍ତି, ନୟନା ବେହେରା ଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଅକ୍ଷୟ ଦାସ ଓ ସନ୍ତୋଷ ମିଶ୍ର ପୁରାତନ ଛାତ୍ରଛାତ୍ରୀଙ୍କୁ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ, ବନ୍ଧୁମିଳନ କେବଳ ସ୍ମୃତିଚାରଣରେ ସୀମିତ ନ ରହି ସମାଜ ପାଇଁ ଏକ ସକାରାତ୍ମକ ଶକ୍ତିରୂପେ ପରିଣତ ହେବା ଆବଶ୍ୟକ। ଆଗାମୀ ଦିନରେ ବିଭିନ୍ନ ସାମାଜିକ, ଶିକ୍ଷାମୂଳକ ଓ ସେବାମୂଳକ କାର୍ଯ୍ୟକ୍ରମକୁ ବନ୍ଧୁମିଳନ ସହ ଯୋଡ଼ିବା ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ।

# କଳିକାପୁରରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ରାଜକନିକା, ୨୨।୨(ସମିସ): ଆଜି ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କିମ୍ସ ପକ୍ଷରୁ କାଳିକାପୁରଠାରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୨୫ ବିଭାଗର ପ୍ରତିଷ୍ଠିତ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୫ ହଜାର ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି। କିମ୍ସ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରି ଓଡିଶା ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାଦାନ କ୍ଷେତ୍ରରେ ୩ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ସଫଳତା କାମନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକଙ୍କ ପାଖରେ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ କିମ୍ସର ଉପଦେଷ୍ଟା ସନ୍ତୋଷ ସାହୁ, ରିଚିଂ ଦି ଅନରିଚଡ୍ ସ୍ଲୋଗାନକୁ ନିଜ ଅଞ୍ଚଳରେ ପହଞ୍ଚାଇ ଥିବାରୁ ତାଙ୍କର ମାଟି ପ୍ରତି ଦାୟିତ୍ୱର ଅବତାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ହରିଶ ଚୌଧୁରୀ ସଂଯୋଜନା କରିଥିବାବେଳେ କନିକା ହାଇସ୍କୁଲର ପୂର୍ବତନ ଛାତ୍ର ସଂସଦ, କାଳିକାପୁରର ସୁଶ୍ରୀ ଦେବୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ଡଃ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ବୟୋଜ୍ୟେଷ୍ଠ ସ୍ୱାସ୍ଥ୍ୟକର୍ମୀ ଶୁକଦେବ ସାହୁ, ଆୟତନ ପୁରାତନ ଛାତ୍ର ସଂସଦ ସମ୍ପାଦକ ନବକିଶୋର ସୂତାର, ଏସଡି ହାଇସ୍କୁଲ ପ୍ରଧାନଶିକ୍ଷକ ବିକ୍ରମ ପରିଡା, ତିନି କଲେଜର ଅଧ୍ୟକ୍ଷ, ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଲୋକ ଚିକିତ୍ସିତ ହୋଇ ମାଗଣାରେ ଔଷଧ ପାଇଥିଲେ।

# ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ଜୟନ୍ତୀ

ପଟ୍ଟାମୁଣ୍ଡାଇ,୨୨।୨(ସମିସ): ବିଶିଷ୍ଟ ସ୍ତମ୍ଭକାର, ବ୍ୟଙ୍ଗକାର, କଥାକାର, କଳାକାର, ନାଟ୍ୟ ନିର୍ଦ୍ଦେଶକ ଓ ଶିକ୍ଷକ ନେତା ଦିବଂଗତ ଦିବାକର ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ସ୍ଥାନୀୟ କଷଣଅଣ୍ଟା ରାଧାରାଣୀ ମଣ୍ଡପରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖାଲେଖି ପ୍ରକାଶନର ମିଳିତ ସହଯୋଗରେ ଆୟୋଜିତ ଜୟନ୍ତୀ ସଭାରେ ପ୍ରଦୀପ୍ତ ବେହୁରା ପୌରୋହିତ୍ୟ କରିଥିଲେ। ରାଜନଗରର ପୂର୍ବତନ ବିଧାୟକ ଡ. ଅଲେଖ ଜେନା ମୁଖ୍ୟଅତିଥି, ନାଟ୍ୟକାର ଗୋଲେଖ ମହାରଣା ମୁଖ୍ୟବକ୍ତା, ଶିକ୍ଷାବିତ୍ କଣ୍ଡୁରୀ ଚରଣ ସ୍ୱାଇଁ ଓ କସ୍ତୁରୀ କଳା ନିକେତନ ସଭାପତି ସୁରେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଂଗତ ଦିବାକର ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ସ୍ୱର୍ଗତ ବିଶ୍ୱାଳଙ୍କ ଉପରେ ଏକ ସ୍ମରଣିକା "ଦିବ୍ୟଦର୍ଶୀ ଦିବାକର' ଲୋକାର୍ପିତ ହୋଇଥିଲା। ସଂସ୍କୃତିପ୍ରେମୀ ତଥା ଅଭିନେତା ନବକିଶୋର ପଣ୍ଡାଙ୍କୁ ଦିବାକର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବିତା ପାଠୋତ୍ସବରେ କବି ସଚିତ୍ର ବେହୁରା, ସୁଶାନ୍ତ ଦାଶ, ରାମକୃଷ୍ଣ ଦାଶ, ବୈଷ୍ଣବ ମଲିକ ସ୍ୱରଚିତ କବିତା ପାଠ କରିଥଲେ। ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁ ସ୍ୱାଗତ ଭାଷଣ ଓ ଗାଳ୍ପିକ ପ୍ରଦୀପ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମନୋଜ୍ଞ ଉତ୍ସବରେ କବି ବ୍ରଜବନ୍ଧୁ ଦାଶ, ପ୍ରମୋଦ ନାୟକ, ବିଜୟ ସାହୁ, ସଂଘମିତ୍ରା ବିଶ୍ୱାଳ, ବନଜା ପାତ୍ର, ସରୋଜ ମଲ୍ଲିକ, ଗୋଲକ ପାତ୍ର, କୃପାସିନ୍ଧୁ ନାୟକ, ଉମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।




# ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପଞ୍ଚୁପାଣ୍ଡବ,୨୨।୨(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଜମିବାଡ଼ିକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର କିଛି ଅନାବାଦୀ ଜାଗାକୁ କେନ୍ଦ୍ରକରି ଦୀର୍ଘଦିନ ହେବ ସନ୍ତୋଷ ସାମଲ ଓ ମନୋରଞ୍ଜନ ସାହୁଙ୍କ ମଧ୍ୟ ତିକ୍ତତା ରହିଥିଲା। ଆଜି ତାହା ଉଗ୍ରରୂପ ନେଇଛି। ସନ୍ତୋଷ ପାନ ଦୋକାନକୁ ପାନ ପାଇଁ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ କଥା କଟାକାଟି ହୋଇଥିଲା। ପରେ ସନ୍ତୋଷଙ୍କୁ ମନୋରଞ୍ଜନ ଓ ତାଙ୍କ ସାନ ଭାଇ ଚିତ୍ତ ମିଶି ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ପରିବାର ଓ ଗ୍ରାମର କିଛି ଯୁବକ ମିଶି ସନ୍ତୋଷଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଡେରାବିଶ ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



# ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା,୨୨।୨(ସମିସ): ପାଟକୁରା ଥାନା ଅନ୍ତର୍ଗତ ବିଚଣା ନୂଆପଡ଼ା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଶୋକର ପରିବେଶ ସୃଷ୍ଟି କରିଛି। ମୃତକ ତିଲୋତ୍ତମା ସାହୁ (୪୮)। ସେ ନିଜ ଘରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ପରିବାର ଓ ସ୍ଥାନୀୟ ଲୋକ ଘଟଣାକୁ ନେଇ ପୁଲିସକୁ ସୂଚନା ଦେଇଥିଲେ। ତିଲୋତ୍ତମାଙ୍କ ସ୍ୱାମୀ ସଞ୍ଜୟ ସାହୁ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। କୌଣସି କାରଣବଶତଃ ଗତ ମାସରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତିଲୋତ୍ତମା ମାନସିକ ଚାପରେ ରହୁଥିବା ସହ ସନ୍ତାନ ନ ଥିବା ନେଇ ମଧ୍ୟ ଚିନ୍ତାଗ୍ରସ୍ତ ଥିବା ପରିବାର ଲୋକ କହିଛନ୍ତି। ପାଟକୁରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ସମସ୍ତ ପ୍ରାସଙ୍ଗିକ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ପଦ୍ମପୁର ଅଞ୍ଚଳରେ ଚୋରି

କେନ୍ଦ୍ରାପଡ଼ା,୨୨।୨(ସମିସ): ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ଘରେ ପଶି ଦୁର୍ବୃତ୍ତମାନେ ସୁନା, ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପଦ୍ମପୁର ଅଞ୍ଚଳର ଲିକୁନା ମହାନ୍ତିଙ୍କ ସିଡି ଘର ଦେଇ ଦୁର୍ବୃତ୍ତ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ଲିକୁନାଙ୍କ ମା' ଶୋଇଥିବା ଘରକୁ ପଶି ସେଠାରେ ଥିବା ଟ୍ରଙ୍କ ଓ ଆଟାଚି ଭାଙ୍ଗି ତଲାସି କରିଥିଲେ। ସେଥିରେ ଥିବା ସୁନା କାନଫୁଲ ୩ ହଳ, ଏକ ମଙ୍ଗଳସୂତ୍ର, ସୁନା ଶଙ୍ଖା ୨ ହଳ, ରୂପା ପାଉଁଜି ୩ ହଳ, ପ୍ରାୟ ୨ ଶହ ଗ୍ରାମ ରୂପା ଟଙ୍କା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଲୁଟ ସୁନାର ଓଜନ ପ୍ରାୟ ୨୬ ଗ୍ରାମ ଓ ରୂପାର ଓଜନ ପ୍ରାୟ ୪୫୦ ଗ୍ରାମ ହେବ। ଲୁଟ୍ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ଚପଲ ଓ ଗାମୁଛା ଛାଡ଼ି ଯାଇଥିବା ଜଣାପଡ଼ିଛି। ସକାଳେ ଘଟଣା ଜଣାପଡ଼ିବା ପରେ ଲିକୁନା ମହାନ୍ତି ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଟକୁରା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଉତିକଣ ଅଞ୍ଚଳର ବନ୍ୟା ସୁରକ୍ଷା ପାଇଁ ପଦକ୍ଷେପ

# ବିଧାୟକଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀବନ୍ଧର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୨୨।୨(ସମିସ)




ସମଗ୍ର ଉତିକଣ ଓ ଧୋୟାଅଞ୍ଚଳର ସୁରକ୍ଷା କବଚ ବ୍ରାହ୍ମଣୀ ନଦୀବନ୍ଧ ଦୁର୍ବଳ ହୋଇପଡିଥିବାରୁ ବନ୍ୟା ବିଭୀଷିକା ଭୟରେ ସମଗ୍ର ଉତିକଣ ଅଞ୍ଚଳ ସହିତ ବନ୍ୟା ବିପନ୍ନ ଧୋୟାଅଞ୍ଚଳବାସୀ ଆଶା ଆଶଙ୍କା ଓ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରିବା ସହ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ୧୫ଟି ପଞ୍ଚାୟତବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଦେଇ ଆସୁଥିବା ବ୍ରାହ୍ମଣୀ ଘେରିବନ୍ଧ ରାସ୍ତାର କିଛି ଅଂଶ ଗତ ବର୍ଷାଋତୁ ସମୟରେ ବ୍ରାହ୍ମଣୀ ନଦୀ ଗ୍ରାସ କରିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ରାଜ୍ୟ ସରକାର ସମସ୍ତ ବିଷୟରେ ଅବଗତ ହେବା ପରେ ବ୍ରାହ୍ମଣୀ ନଦୀବନ୍ଧର ଦକ୍ଷିଣ ପାଶ୍ୱର୍ ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ପୋଲ ନିକଟରୁ ଶୋଭାଯାତ୍ରାରେ ଯାଇ ୧୮ କୋଟି ଟଙ୍କା ବ୍ୟୟରେ ନିମପୁର ବ୍ରାହ୍ମଣୀ ନଦୀକୂଳରେ ନଦୀବନ୍ଧ ଦକ୍ଷିଣ ପାଶ୍ୱର୍ ସୁଦୃଢ଼ୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି।

ବ୍ରାହ୍ମଣୀ ନଦୀବନ୍ଧ ଶିଳାନ୍ୟାସ ଉତ୍ସବରେ ବିଧାୟକ ଶ୍ରୀସାହୁ ସମଗ୍ର ଉତିକଣ ଓ ଧୋୟାଅଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ସହ ଉତ୍ତମ ଗମନାଗମନ ସୁବିଧା ପାଇଁ ଏହି ନଦୀବନ୍ଧ ରାସ୍ତାକୁ ୨ ଥାକିଆ ରାସ୍ତାରେ ପରିଣତ କରିବାକୁ ବିଧାନସଭାରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରକାଶ କରିବା ସହ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ରଶ୍ମି ମଲିକ, ସମାଜସେବୀ ସୁଶାନ୍ତ ପଣ୍ଡା, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ପୂର୍ବତନ ସରପଞ୍ଚ ଅଶୋକ ପରିଡ଼ା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡ଼ା, ଚନ୍ଦନନଗର ସମିତି ସଭ୍ୟ ମାନସ ମଲ୍ଲିକ, ଗଙ୍ଗାରମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସାନଜରିଆ ସମିତିସଭ୍ୟ ସୁବାସ ବାରିକ, ଖଣତା ସମିତି ସଭ୍ୟ ସୁରେଶ ଜେନା, ସଂସାରଫଳ ସମିତିସଭ୍ୟ ପର୍ଶୁରାମ ବେହେରା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ବରିଷ୍ଠ ନେତା ପଞ୍ଚାନନ ଧଳ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ନଗର ବିଜେଡି ସଭାପତି ଅଶୋକ ଧଳ, ଏମଡି ପପୁ, ଶିକ୍ଷାବିତ ନାରାୟଣ ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଯୁବନେତା ଅଶୋକ ଧଳ, ଏମଡି ପପୁ, ପ୍ରଶାନ୍ତ ସାହୁ ଓ ନୟନ ଗିରିଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀ ବିଧାୟକ ଧ୍ରୁବ ସାହୁଙ୍କୁ କଖାରୁଣୀ ପୋଲ ନିକଟରୁ ଏକ ଶୋଭାଯାତ୍ରାରେ ନିମପୁର ଶିଳାନ୍ୟାସ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

## ୨୨୦ ବୋତଲ ମଦ ଜବତ; ୨ ଗିରଫ

ଜଗତସିଂହପୁର, ୨୨।୨(ସମିସ): ଜଗତସିଂହପୁର ସଦର ଥାନା ପୁଲିସ ଦ୍ୱାରା ଏକ ସ୍କୁଟି ସହିତ ୨୨୬ ବୋତଲ (୬୯.୭୫ ଲିଟର) ଚୋରା ମଦ ଜବତ କରାଯାଇଥିବା ବେଳେ ଦୁଇଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରନହୋତା ଗ୍ରାମର ସୁବ୍ରତ ସାହୁ ଏବଂ ଅଢଙ୍ଗା ଗ୍ରାମର ସମୀର ନାୟକ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

ରଘୁନାଥପୁର, ୨୨।୨(ସମିସ): ଜନୈକା ଆଦିବାସୀ ନାବାଳିକାଙ୍କୁ ପୂରଣ ଗ୍ରାମର ଜନୈକ ଲୋକ ଦୁଷ୍କର୍ମ କରିଥିବା ରଘୁନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ରଘୁନାଥପୁର ଥାନା ଅନ୍ତର୍ଗତ ପୂରଣ (ବାଙ୍କଲ) ଗ୍ରାମର ଆଦିବାସୀ ସାହିରେ ଆଜି ଅପରାହ୍ନ ଜନୈକ ଆଦିବାସୀ ବ୍ୟକ୍ତି ଓ ତାର ସ୍ତ୍ରୀ କାମକୁ ଯାଇଥିଲେ। ଘରେ ୧୪ ବର୍ଷର ନାବାଳିକା ଥିଲେ। ଏହି ଅବସରରେ ପୂରଣ ଗ୍ରାମର ଗୁନା ପଲେଇଙ୍କ ପୁଅ ମଢିଆ ପଲେଇ (୬୧) ତାଙ୍କ ଘରେ ପଶି ଉକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା ବୋଲି ପୀଡିତାର ବାପା ଓ ମା’ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ଗ୍ରହଣ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଶୁଖୁଆଖଲାରେ ମୀନାବଜାର



ପାରାଦୀପ,୨୨।୨(ସମିସ): ପାରାଦୀପ ତିନି ନମ୍ବର ୱାର୍ଡ ଶୁଖୁଆଖଲା ଅଞ୍ଚଳରେ ଏକ ମୀନାବଜାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମୀନାବଜାର ଉତ୍ସବ ସାତଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହା ତିନି ନମ୍ବର ୱାର୍ଡର ପାରିଷଦ ସମୀର କୁମାର୍ ସାହୁ ଓ ଶୁଖୁଆଖଲା ବଣିକ ସଙ୍ଘ ସଭାପତି ଧନେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସୂଚାର ରୂପେ ଆୟୋଜିତ ହୋଇଛି। ଏଠାରେ ସମସ୍ତ ପ୍ରକାର ସାମଗ୍ରୀ ଓ ଖାଇବା ଷ୍ଟଲ ଆଦି ଦେଖିବାକୁ ମିଳିଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ମଧ୍ୟ ଆୟୋଜନ କରାଯାଉଛି।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୨୨।୨(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡା ସ୍ଥିତ ମୁଣ୍ଡାସାହିରେ ଜାତୀୟ ଆଇନସେବା ପ୍ରାଧିକରଣର ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା “ସମ୍ବାଦ’ ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଖର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସରପଞ୍ଚ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଚିବ “ସମ୍ବାଦ’ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜାତୀୟ ଆଇନ ସେବା ପ୍ରାଧୀକରଣ ଆଇନ ୧୯୮୭ର ଧାରା ୧୨ ଅନୁଯାଇ ଆଇନସେବା ପ୍ରାଧିକରଣ ତରଫରୁ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନଙ୍କ ପାଇଁ ନିଃଶୁଳ୍କ ଆଇନସେବା ଯୋଗାଇ ଦିଆଯାଇଥାଏ। ଅଦାଲତରେ ଯେ କୌଣସି ମୋକଦ୍ଦମାର ପରିଚାଳନା ପାଇଁ ମାଗଣାରେ ଆଇନଜୀବୀ ନିୟୋଜିତ କରାଯାଏ। ଆଇନ ସହାୟତା ପାଇବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଏକ ଆବେଦନ ପତ୍ର ଦାଖଲ କରିବାକୁ ପଡିଥାଏ କିମ୍ବା ଜାତୀୟ ଆଇନ ସେବା ପ୍ରାଧିକରଣ ହେଲ୍ପ ଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିହେବ। କେବଳ ଆଇନଗତ ସହାୟତା ନୁହେଁ; ଯଦି ଅନୁସୂଚିତ ବର୍ଗର ବ୍ୟକ୍ତିମାନେ ସରକାରୀ ଯୋଜନା, ଜାତିଗତ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ଶ୍ରମ କାର୍ଡରୁ ବଞ୍ଚିତ ହେଉଥାନ୍ତି; ତେବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ। ପରିଶେଷରେ ସମିତିସଭ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

### ଜଳିଗଲା ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର

ପାରାଦୀପ,୨୨।୨(ସମିସ)



ବିଳମ୍ବିତ ରାତିରେ ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଯେଉଁଥିରେ ୩୦ରୁ ଅଧିକ ଦୋକାନ ଘର ଜଳିପୋଡି ପାଉଁଶ ହୋଇଯାଇଛି। ତେବେ କ୍ଷୟକ୍ଷତିର ପରିମାଣ ପାଖାପାଖି ୫୦ଲକ୍ଷ ଟଙ୍କାରୁ ଅଧିକ ହେବ ଅନୁମାନ କରାଯାଉଛି। ଯେହେତୁ ରାତି ୨ଟା ହେବ ଏହି ଘଟଣା ଘଟିଥିଲା ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନଥିଲେ ମଧ୍ୟ ସଟସର୍କିଟ୍‌ରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଖବର ମୁତାବକ ଗତକାଲି ବିଳମ୍ବିତ ରାତ୍ରୀରେ ଏକ ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ଏହି ନିଆଁ ଚାହୁଁଚାହୁଁ ଗୋଟିଏ ଲାଇନ୍‌ରେ ଥିବା ସମଗ୍ର ପରିବା ମାର୍କେଟକୁ ବ୍ୟାପୀ ଯାଇଥିଲା। ସେହି ସମୟରେ ପରିବା ମାର୍କେଟ ମଧ୍ୟରେ ଥିବା ଏକ ପୋଷା କୁକୁର ଭୁକିବାରୁ ମାର୍କେଟ ଭିତରେ ଶୋଇଥିବା କିଛି ବ୍ୟବସାୟୀ ଉଠିପଡ଼ିଥିଲେ ଓ ଡକାଡକି ହେବା ବେଳକୁ ନିଆଁ ସବୁ ଦୋକାନ ଘରକୁ ବ୍ୟାପୀ ଯାଇଥିଲା। ଏକା ସମୟରେ ସବୁ ଦୋକାନ ଘର ଗୁଡିକ ଜଳିବାରୁ ଲାଗିଥିଲା। ଏତେ ଭୟଙ୍କର ଥିଲା ଯେ, କେହି କିଛି ଭାବିବା ଆଗରୁ ଉଭୟ ପାର୍ଶ୍ୱର ସମଗ୍ର ପରିବା ମାର୍କେଟ ନିଆଁର ବଳୟ ଭିତରେ ରହିଯାଇଥିଲା। ପରିବା, ଟଙ୍କା, ଓଜନକଣ୍ଟା, ସାଇକଲ, ବାଇକ୍, ବ୍ୟବସାୟୀଙ୍କ ବିଭିନ୍ନ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିଲା। ତା’ ସହିତ ଏକ ପୋଷା କୁକୁର, ଗୋଟିଏ ସାପ ମଧ୍ୟ ଏହି ନିଆଁରେ ପୋଡି ଯାଇଥିଲା। ଖବର ପାଇବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗ, ପାରାଦୀପ ବନ୍ଦର, ପିପିଏଲ୍, ଇଫକୋ ସହିତ ଅନ୍ୟାନ୍ୟ ଶିଳ୍ପସଂସ୍ଥାର ୫ରୁ ଅଧିକ ନିଆଁଲିଭା ଗାଡି ଆସି ପହଞ୍ଚି ଦୀର୍ଘ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ସମଗ୍ର ପାରାଦୀପ ବାସୀଙ୍କ ପରିବା ର ଚାହିଦା ମେଣ୍ଟାଉଥିବା ଏହି ସର୍ବବୃହତ ପରିବା ମାର୍କେଟରେ ରହିଥିବା ଅସ୍ଥାୟୀ ପିଣ୍ଡି ଗୁଡିକ ବାଉଁଶ ଓ ପାଲରେ ତିଆରି ହୋଇଥିବାରୁ ନିଆଁ ଲାଗିବା ପରେଏହାକୁ ଆୟତ୍ତ କରିବା କଷ୍ଟକର ହୋଇ ପଡିଥିଲା ବୋଲି ବଣିକ ସଙ୍ଘର ସଦସ୍ୟ ମାନେ କହିଛନ୍ତି।

ପୂର୍ବରୁ କିଛି ମାସ ତଳେ ଏହିଭଳି ବିଳମ୍ବିତ ରାତ୍ରୀରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ବ୍ୟବସାୟୀମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ରୁ ୩ ଟି ଦୋକାନ କ୍ଷତି ହୋଇଥିଲା। ପୁଣି ମାର୍କେଟ ପଛପଟ ବସ୍ତିରେ ମଧ୍ୟ ଅଗ୍ନିକାଣ୍ଡ ଘଟି ବହୁ କ୍ଷୟକ୍ଷତି ହୋଇଥିଲା। ତା’ ସହିତ ଏହି ଦୁଇ ବର୍ଷ ମଧ୍ୟରେ ଏହାକୁ ମିଶାଇ ଚାରି ଥର ଅଗ୍ନିକାଣ୍ଡ ଘଟିଲାଣି। ତେବେ ଏଭଳି ଦୁର୍ଘଟଣା କାହିଁକି ବାରମ୍ବାର ଘଟୁଛି ତାକୁ ନେଇ କିଛି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତକାଲିର ଦୁର୍ଘଟଣା ବଡ଼ ପଡ଼ିଆ ପରିବା ମାର୍କେଟର ସମଗ୍ର ବ୍ୟବସାୟୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଜଣା ପଡି ନ ଥିଲେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ସକାଳେ ଖବର ପାଇ ଘଟଣାସ୍ଥଳରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ସମୀର ବିଶ୍ୱାଳ, ଚିତ୍ତରଞ୍ଜନ ରାଉତରାୟ, ରଶ୍ମିରଞ୍ଜନ ପରିଡା, ମାନସ ବିଶ୍ୱାଳ, ଅନୁପ ସହାଣୀ ଓ ବହୁ ବିଜେଡି ନେତା, ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଘଟଣାସ୍ଥଳ ପରିଦର୍ଶନ କରି ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ଏହାର କିଭଳି ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯିବ ସେ ସମ୍ପର୍କରେ ବନ୍ଦର ପ୍ରଶାସନ ଓ ପୌର ପ୍ରଶାସନ ସହିତ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଖବର ପାଇ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଦେଖା କରି ସାନ୍ତ୍ୱନା ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସମ୍ପାଦକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ସକାଳ ସମୟରେ ବଡ଼ପଡ଼ିଆ ମାର୍କେଟରେ କଞ୍ଚା ପରିବାର ଅଭାବୀ ଦେଖାଦେଇଥିଲା। ଯେହେତୁ ଆଜି ରବିବାର ଆମିଷ ବାର, ତେଣୁ ମାଛ ମାର୍କେଟରେ ଅଧିକ ଗହଳି ଦେଖିବାକୁ ମିଳିଥିଲା।

## ସର୍ବସାଧାରଣ ସ୍ଥାନ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ସଚେତନତା



ପାରାଦୀପ,୨୨।୨(ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ଭାବେ ରାଜ୍ୟର ବିଭିନ୍ନ ସର୍ବସାଧାରଣ ସ୍ଥାନକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଉଛି। ମାନବ ସ୍ୱାସ୍ଥ୍ୟ, ପ୍ରାଣୀ ଏବଂ ସାମୁଦ୍ରିକ ଜୀବନ ଉପରେ ଏକକ ବ୍ୟବହାର ପ୍ଲାଷ୍ଟିକର ଭୟାବହତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟ ଟିମ୍ ଏବଂ ପାରାଦୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ମିଳିତ ସହଯୋଗରେ ଏକ ସଚେତନତା ଅଭିଯାନ ଆୟୋଜନ କରିଥିଲେ। ଯେଉଁଥିରେ ପରିବେଶ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯିବା ସହ ସର୍ବସାଧାରଣ ସ୍ଥାନ ଓ ପିକନିକ୍ ସ୍ପଟ୍ ଗୁଡ଼ିକରେ ଉଚିତ ଓ ଅନୁଚିତ ପଦକ୍ଷେପ ବିଷୟରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍ପରଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ପେଲେଟ୍ ପ୍ଲାଣ୍ଟ, ସ୍ଲରି ପାଇପ ଲାଇନ ଓ ଏଏମ୍/ଏନ୍ଏସ୍ ପୋର୍ଟ୍ସର ମୁଖ୍ୟ ସିଏଚ୍ ହରିପ୍ରସାଦ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶ, ପାରାଦୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସର ପରିବେଶ ବିଭାଗ ପ୍ରବନ୍ଧକ ଦେବଦତ୍ତ ଦାସ ଏବଂ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗର ସହଯୋଗରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଆନନ୍ଦପୁରର ଗଡ଼ଚଣ୍ଡୀ ପିକନିକ୍ ସ୍ପଟ୍‌ରେ ଏକ ସପ୍ତାହବ୍ୟାପୀ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆୟୋଜନ କରାଯାଇଥିଲା। ହଦଗଡ଼ ରେଞ୍ଜ ଅଫିସର ।ର୍ଶାଲ କିସ୍କୁଙ୍କ ଦ୍ୱାରା ଏହି ଅଭିଯାନର ଉଦ୍‌ଘାଟନ କରାଯାଇଥିବା ବେଳେ ଏହି ଅବସରରେ ସ୍ଥାନୀୟ ସରପଞ୍ଚ, ଗଡ଼ଚଣ୍ଡୀ ମନ୍ଦିର କମିଟିର ସଦସ୍ୟ ଏବଂ ଏଏମ୍/ଏନ୍ଏସ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ଲାଷ୍ଟିକ୍ ମୁକ୍ତ ସର୍ବସାଧାରଣ ସ୍ଥାନ ପାଇଁ ଜୈବ ଅବକ୍ଷୟଯୋଗ୍ୟ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ସ୍ଥାନରେ ପ୍ରଚାର ପତ୍ର, କାଗଜ ପ୍ଲେଟ୍ ଏବଂ କାଗଜ ଗ୍ଲାସ୍ ବଣ୍ଟନ କରାଯାଇଥିଲା। ପରିବେଶ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା, ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ସଚେତନତା ସୃଷ୍ଟି କରିବା ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା।

## ଜାଗୁଳାଇଙ୍କ ପୀଠରେ ଗୁରୁକୃପା ମହୋତ୍ସବ



ନାଉଗାଁ,୨୨।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥିତ ମା’ଜାଗୁଳାଇଙ୍କ ପୀଠରେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ତର୍ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସଙ୍କ ୫୦ତମ ସ୍ୱନକ୍ଷତ୍ର ଅବସରରେ ଗୁରୁକୃପ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ତଥା ଗୋଠଦା ମଠର ମହନ୍ତ ଚିନ୍ତାମଣି ପର୍ବତ, ରାଧାବଲ୍ଲଭ ମଠାଧୀଶ ମହନ୍ତ ମହାରାଜ ରାମକୃଷ୍ଣ ଦାସ, ବାବାଜୀ ଦାମୋଦର ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାର ମଠ ଓ ଆଶ୍ରମ ଆଦିରୁ ବରେଣ୍ୟ ସାଧୁସନ୍ଥ ମାନେ ଆସି ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଏଥିସହିତ ଏହି ଉତ୍ସବରେ ସଦଗୁରୁ ପୂଜନ, ସତ୍ୟ ସେବାମଣ୍ଡଳ କାର୍ଯ୍ୟକ୍ରମ, ସାଧୁସନ୍ଥ ସମ୍ମିଳନୀ ସହିତ ଭଜନ କୀର୍ତ୍ତନ ଆଦିର ଆୟୋଜନ ମଧ୍ୟ କରାଯାଇଥିଲା।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଜଗତସିଂହପୁର,୨୨।୨(ସମିସ): ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ପ୍ରଫେସର୍ ପ୍ରସନ୍ନଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ ଡ. ଶ୍ରବାଣୀ ଦାସ (ଯୁଗ୍ମ ନିର୍ଦ୍ଦେଶକ, ସୂଚନା) ଏହାକୁ ପରିଚାଳନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସଫଳତା ଏବଂ ଆଗାମୀ ବର୍ଷର ବାର୍ଷିକ ଖସଡ଼ା ପ୍ରସ୍ତୁତ ନିମନ୍ତେ ଏହି ବୈଠକଟି ଉଦ୍ଦିଷ୍ଟ ଥିଲା। ବୈଜ୍ଞାନିକ ଡ. କଲ୍ୟାଣ ଆଭାସୀ ମାଧ୍ୟମରେ ଯୋଗଦାନ କରି କୃଷି ବିଜ୍ଞାନ କେନ୍ଦ୍ରର ଉନ୍ନତି ନିମନ୍ତେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ମୁଖ୍ୟ, କୃଷି ପାଣିପାଗ ବିଭାଗ ପ୍ରଫେସର୍ ତୁଷାର ରଞ୍ଜନ ମହାନ୍ତି, ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଆଞ୍ଚଳିକ କୃଷି ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ଭୁବନେଶ୍ୱର ପ୍ରଫେସର୍ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁଳମଣି ବାରିକ୍, ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଜୟ କୁମାର ସାହୁ, ମତ୍ସ୍ୟ ଅଧିକାରୀ ତିର୍ତ୍ତୋଲ ଗୋବିନ୍ଦ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ମୋନାଲିସ ହୋତା, ଲିଡ୍ ବ୍ୟାଙ୍କ୍ ପ୍ରବନ୍ଧକ ଅନିଲ୍ କୁମାର ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟରଞ୍ଜନ ଦାସ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର କଟକ, କେନ୍ଦ୍ରାପଡ଼ା ଓ ପୁରୀ ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ। ଏହି ଜିଲ୍ଲାର ଚାରି ଜଣ ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ଚାଷରେ ସୁବିଧା ଅସୁବିଧା ଜଣାଇଥିଲେ। ଏହି ଅବସରରେ ସମାଚାର ପତ୍ରିକା, କୃଷିଶ୍ରୀ ସହିତ ଅନ୍ୟାନ୍ୟ ୫ ଗୋଟି କୃଷି ଭିତ୍ତିକ ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା।

## ଶିଶୁ ମନ୍ଦିରରେ ଶିଶୁବାଟିକା, ବିଜ୍ଞାନ ମେଳା



ଜଗତସିଂପୁର,୨୨।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବରଗୁଡ଼ିପଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ ବାଟିକା, ବିଜ୍ଞାନ ମେଳା ଓ ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ଅବସରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଆଦିକନ୍ଦ ଦାସ ଉଦ୍‌ଘାଟନ କରିଥିବା ବେଳେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ରାମୋତଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବାରିକ ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରକାଶ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ଦାଶ ଏବଂ ଉପଦେଷ୍ଟା ଉମେଶଚନ୍ଦ୍ର ଲେଙ୍କା ବିଚାରକ ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ସୌଭାଗିନୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମାକାନ୍ତ ଗୁରୁଜୀ, ମାନସୀ ଗୁରୁମା, ପ୍ରିୟଙ୍କା ଗୁରୁମା, ଜୟଶ୍ରୀ ଗୁରୁମା, ଲିପ୍ସା ଗୁରୁମା ଏବଂ ରାଜଶ୍ରୀ ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଟିକା ପ୍ରଦର୍ଶନୀରେ ୨୭ଟି ହାତ ତିଆରି ଜିନିଷ ସ୍ଥାନ ପାଇଥିବା ବେଳେ ୧୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ମୀନାବଜାରରେ ୮ ଜଣ ଛାତ୍ରଛାତ୍ରୀଙ୍କ ହାତ ତିଆରି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ସ୍ଥାନ ପାଇଥିଲା। ଉକ୍ତ ବିଜ୍ଞାନମେଳା, ଶିଶୁବାଟିକା ଓ ମୀନବଜାରରୁ ମୋଟ ୧୭ ଜଣ ଶିଶୁ ଛାତ୍ରଛାତ୍ରୀ ମାନଙ୍କୁ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବାର ଘୋଷଣା କରାଯାଇ ଥିଲା।

## ମେଘମହ୍ଲାର ସାରସ୍ୱତ ଆସର ଓ କବିତା ପାଠୋତ୍ସବ

# ‘ଲୋକମୁଖର ଭାଷା ବ୍ୟବହାର ହେଲେ ସାହିତ୍ୟ କାଳଜୟୀ ହୋଇପାରିବ’

ପାରାଦୀପ,୨୨।୨(ସମିସ)




ସାହିତ୍ୟରେ ମଣିଷର ଭାବାବେଗ, ଅଭାବବୋଧ, ଅସହାୟ ଓ ଜୀବନରେ ଘଟିଯାଉଥିବା ଘଟଣା ସାଧାରଣ ଭାଷାରେ ରୂପ ପାଇ ପାରିଲେ ତାହା ଜନାଦୃତ ହୋଇପାରିବ ବୋଲି ପାରାଦୀପଠାରେ ଆୟୋଜିତ ସାରସ୍ୱତ ଆସରରେ ମତ ପ୍ରକାଶ ପାଇଛି। ଓଡିଶା ସାହିତ୍ୟ ଏକାଡେମୀ ଓ ମେଘମହ୍ଲାର ମିଳିତ ସହଯୋଗରେ ଅଫିସର୍ସ କ୍ଲବ ସଭାକକ୍ଷରେ ସଭାପତି ଡ. କେଶବଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବକୁ ସାଂସଦ ଡ. ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜର ଦିକ୍ଷାଗୁରୁ ଭାବରେ ମଣିଷର ଆବେଗ ସହିତ ଯୋଡି ହେବା ସହିତ ଜୀବନକୁ ଦିଗ୍ ଦର୍ଶନ ଦେଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ଡ. ରଞ୍ଜିତା ନାୟକ ସାହିତ୍ୟ ବିନା ସୁନ୍ଦର ସମାଜ ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସତ୍ୟର ଅନୁସରଣ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। କ୍ୟାନମାସ ସଂପାଦକ ଶ୍ରୀମନ ନାରାୟଣ ମିଶ୍ର, କବି ଚିରଶ୍ରୀ ଇନ୍ଦ୍ରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗତସିଂହପୁରର ତିନିଜଣ ସୃଜନ ସାଧକ ଡ. ରଘୁ ସାହୁଙ୍କୁ ଆଦିକବି ସାରଳାଦାସ ସାଧନା ସମ୍ମାନ, ଶରତ କୁମାର ମହାପାତ୍ରଙ୍କୁ ସାରଳା ଦାସ ସାହିତ୍ୟ ସମ୍ମାନ ଓ ଇଂ. ନିର୍ମଳ ଚନ୍ଦ୍ର ରାଉତଙ୍କୁ ଶୁଦ୍ରମୁନି କାବ୍ୟ କବିତା ସମ୍ମାନ ପ୍ରଦାନ କରିଯାଇଥିଲ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସାହିତ୍ୟ ମାନବବାଦର ଜନ୍ମଦାତା ବୋଲି କହିବା ସହିତ ସାହିତ୍ୟିକମାନଙ୍କ ଭାବାବେଗ ସହିତ ଯୋଡ଼ିହେବା ପାଇଁ ଏକାଡେମୀର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଦିତୀୟଅଧିବେଶନରେ ଡ. ରଘୁ ସାହୁଙ୍କ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ କବି ଉମାକାନ୍ତ ନାୟକ, ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ, କବି ଅୟସକାନ୍ତ ଯୋଗଦେଇଥିଲେ। ଏଥିରେ କବି ପ୍ରଭାତୀ ମାଝୀ, ସଂଗୀତା ପଣ୍ଡା, ତୁଳସୀ ବରାଳ, ମହାଶ୍ୱେତା ଓଝାଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଅମିୟ ମହାପାତ୍ର, ମୋହିତ ଚକ୍ରବର୍ତ୍ତୀ, ପ୍ରେମାନନ୍ଦ ଖଣ୍ଡୁଆଳ, ବନମାଳୀ ସେନାପତି, ବାମଦେବ ସ୍ୱାଇଁ, ରମେଶ ପତି, କାମଦେବ ମହାରଣା, ବିଜୟ ମୁଦୁଲି, ଉମାକାନ୍ତ ମହାପାତ୍ର, ପୂଜାଶ୍ରୀ ସେଠୀ, ସୁଶ୍ରୀ ଶୁଭସ୍ମିତା ମିଶ୍ର, ଦିପ୍ତି ଖଣ୍ଡୁଆଳ, ଗୀତା ଦାସ, ରମେଶ ବହିରା, ମନ୍ମଥ ବରାଳ, ଡ. ଶ୍ରୀଧର ସାମଲ, ବୃନ୍ଦାବନ ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏକାଡମୀର ସହ ସଚିବ ସଞ୍ଜୟ ଛୁଆଳସିଂହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

## କଲାମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ପାରାଦୀପ,୨୨।୨(ସମିସ): ପାରାଦୀପ ତାରିଣୀ ଗଡ଼ା ଠାରେ ଥିବା କଲାମ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍କୁଲର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଅତିଥି ଭାବେ ସ୍କୁଲର ଏମ୍‌ଡି ଅଶୋକ କୁମାର ବିଶ୍ୱାଳ, ସମ୍ପାଦକ ତାପସ କୁମାର ବିଶ୍ୱାଳ ଓ କୋଷାଧ୍ୟକ୍ଷ ଆଲୋକ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ସୁଚିସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍କୁଲର ଭାଇସ ପ୍ରିନ୍ସିପାଲ ସରୋଜିନୀ ସେଠୀ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, କଳ୍ପନା ନାୟକ, ତୃପ୍ତିମୟୀ ଲେଙ୍କା, ଯସ୍ମିନୀ ପରିଡା, ଅଭିସ୍ମିତା ସ୍ୱାଇଁ ଓ ଶୁଭ୍ରଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ

ଢେଙ୍କାନାଳ,୨୨।୨(ସମିସ)

ଢେଙ୍କାନାଳ ପୌରାଞ୍ଚଳର ତିନି ନମ୍ବର ୱାର୍ଡ ମଧୁବନରେ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଞ୍ଚଳର ଶହ ଶହ ନିବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। ରାଷ୍ଟ୍ରୀୟ ଶିଶୁ ଆୟୋଗ ଏନସିପିସିଆର୍ ଓ ଓଡିଶା ରାଜ୍ୟ ମାନବାଧିକାର ଆୟୋଗଙ୍କ କଡ଼ା ନିର୍ଦ୍ଦେଶ ଏହାର ସୁରକ୍ଷା ଓ ଶିଶୁ ଉଦ୍ୟାନ ନିର୍ମାଣ ଆଦେଶ ଶହ ଶହ ଅଞ୍ଚଳବାସୀଙ୍କ ମୁଁହରେ ହସ ଫୁଟେଇଛି। ଏବେ ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଜମିଟିକୁ ଚାରିପଟୁ ପଥର ପ୍ରାଚୀର ନିର୍ମାଣ ନିମନ୍ତେ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ୫ ଲକ୍ଷ ଶିଶୁ ଉଦ୍ୟାନର ନିର୍ମାଣ ପାଇଁ ମଧ ଦେଇଛନ୍ତି। ପ୍ରାଚୀର ନିର୍ମାଣ କାମ ଆରମ୍ଭ ହୋଇଛି ପ୍ରାୟ ୧୦୦ ଫୁଟ ପ୍ରାଚୀର ପାଇଁ ଗାତ ଖୋଳା ହୋଇଛି। କାମ ଜଲଦି ସରିଲେ ନିଜେ ପୌରାଧକ୍ଷା ଏହାର ଉଦ୍‌ଘାଟନ କରିବେ ବୋଲି ରାମଚନ୍ଦ୍ର ପାତ୍ର ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳବାସୀ କାର୍ଯ୍ୟର ଅଗ୍ରଗତି ବିଷୟରେ ଶାସକ ଦଳର ଦୃଷ୍ଟି ଆକର୍ଷଣ କରିଆସୁଥିବା ବେଳେ ୱାର୍ଡ ୩ ରୁ ବିଜୁ ନନ୍ଦ,ସନ୍ତୋଷ ବେହେରା,ସୌମ୍ୟା ବେହେରା ସତ୍ୟାନନ୍ଦ ବେହେରା,ଡଃ ସତ୍ୟଜିତ ମିଶ୍ର,ଡଃ ମହେଶ୍ୱର ମହାପାତ୍ର,ଜୁବୁ ମହାପାତ୍ର,ଅବସର ପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଅନିମେଷ ରାଉତ,ନିବେଦିତା ସ୍ୱାଇଁ,ହିମାଦ୍ରୀ ମଲ୍ଲିକ ଅତୁଲ୍ୟ ନନ୍ଦ,ସୁଧୀର ବେହେରା,ଡଃ ଐଶ୍ୱର୍ଯ୍ୟ ମିଶ୍ର,ତପନ ପଟ୍ଟନାୟକ, ଦ୍ୱିତୀକୃଷ୍ଣ ମଲ୍ଲିକ,ବୀଚି ବେହେରା,ମୁନା ପଟ୍ଟନାୟକ,ହିମାଂଶୁ ମଲ୍ଲିକ,ବରିଷ୍ଠ ଶିକ୍ଷାବିତ ତଥା ସମାଜସେବୀ ଡଃ ଦେବୀପ୍ରସାଦ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ସରକାର ଓ ସ୍ଥାନୀୟ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଅଞ୍ଚଳବାସୀ ପ୍ରାୟ ୨୦ ବର୍ଷ ପୂର୍ବରୁ ୧୨ ଗୁଣ୍ଠର ଏକ ସରକାରୀ ଜମିମାଫିଆଙ୍କ କବଳରୁ ଉଦ୍ଧାର କରି ଏକ ଆମୋଦ ପ୍ରମୋଦ ଉଦ୍ୟାନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଆସୁଥିଲେ। ସେତେବେଳେ ଢେଙ୍କାନାଳ ତହସିଲଦାର ୨ ଲକ୍ଷ ଖର୍ଚ୍ଚ କରି ଜମିଟିକୁ ଚାରିଆଡୁ ଲୁହାଖୁଣ୍ଟ ଓ ତାର ବାଡ଼ ଦେଇ ଆଇନ ଅନୁସାରେ ଅନୁପ୍ରବେଶକାରୀ ଏବଂ ଜବରଦଖଲକାରୀଙ୍କୁ ଲିଖିତ ଭାବେ ସତର୍କ କରାଇଥିଲେ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ସହରର ଜମିମାଫିଆ ତାର ବାଡ ଭାଙ୍ଗି ଜମିର ଜବରଦଖଲ ଉଦ୍ୟମ ଓ ରାସ୍ତା ନିର୍ମାଣ ଉଦ୍ୟମ ଓ ବହୁମୂଲ୍ୟ ଜମିଟିକୁ ଭୁବନେଶ୍ୱରର ଜମି ଦଲାଲଙ୍କ ହାତକୁ ବିକ୍ରି କରିବାକୁ ଉଦ୍ୟମ କରିଥିଲେ। ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ, ସତର୍କ ଗଣମାଧ୍ୟମ ଏବଂ ପ୍ରଶାସନର ମିଳିତ ଉଦ୍ୟମରେ ଏହି ବହୁମୂଲ୍ୟ ୧୨ ଗୁଣ୍ଠ ଜମିକୁ ଉଦ୍ଧାର କରାଯାଇ ପାରିଛି। କିଛି ବ୍ୟକ୍ତି ଏ ଜମିରେ ଏକ ଅବୈଧ ନିର୍ମାଣ କରି ଏଠାରେ କିଛି ଅନୈତିକ କାର୍ଯ୍ୟ ମଧ କରୁଛନ୍ତି ବୋଲି ସୂଚନା ମିଳୁଛି। ଅଞ୍ଚଳବାସୀ ଏ ସମସ୍ତ ବିଷୟ ଢେଙ୍କାନାଳ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଡ଼ିଜି ପୁଲିସଙ୍କ ଦୃଷ୍ଟିକୁ ଆଣିଥିଲେ। ଏବେ ମିଳିତ ଉଦ୍ୟମରେ ପୁଣି ଏହି ଜମିକୁ ସର୍ବସାଧାରଣ କାମରେ ବ୍ୟବହାର କରାଯିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି।



# ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧା ପରୀକ୍ଷା



ଗଁଦିଆ,୨୨।୨(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବିକାଶ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେଇଯାଇଛି। ଏଥିରେ ମୋଟ ଶହେ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାରେ ଆମ୍ବପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆମ୍ବପଡା ପ୍ରାଥମିକ ବିଦ୍ୟାଳୟ, କରମୂଳ ଉଚ୍ଚ ବିଦ୍ୟାଳୟ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଦ୍ୟାଳୟ ଐରା, ପିଙ୍ଗୁଆ ପ୍ରାଥମିକ ବିଦ୍ୟାଳୟ, ତାଳଚେର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ସମ୍ପନ୍ନ ହୋଇଛି।

## ବିଜେଡିର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା

# 'ଲୋକଙ୍କ ସରକାର ନୁହେଁ; ଇଏ ଠକଙ୍କ ସରକାର'



ଢେଙ୍କାନାଳ,୨୨।୨(ସମିସ): ଓଡ଼ିଶାରେ ଥ୍ରି-ଏମ (ମୋହନ, ମୁକୁ, ମନମୋହନ) ଙ୍କ ସରକାର ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ କିଛି ଜାଣୁ ନାହାନ୍ତି କେବଳ ଅଫିସରଙ୍କ ଲେଖା ପଢୁଛନ୍ତି। କେନ୍ଦ୍ରମନ୍ତ୍ରୀ ମୁକୁ ପ୍ରଧାନ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମନଇଚ୍ଛା କାମ କରୁଛନ୍ତି ବୋଲି ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡଃ ନୃସିଂହ ଚରଣ ସାହୁ ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ କଣପାଳ ଆମ୍ବ ବଗିଚାଠାରେ ବିଜେଡି ତରଫରୁ ଆୟୋଜିତ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ କରିଥିଲେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ମାସିକ ୩ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୟସ୍କଙ୍କୁ ୩୫୦୦ ଟଙ୍କା, ସମସ୍ତ ମହିଳାଙ୍କୁ ଦୁଇ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ୨୦ ମାସର ସରକାରରେ ଗୋଟିଏ ବି ନୂଆ ଭତ୍ତା ଇସ୍ୟୁ ହୋଇନାହିଁ। ପ୍ରତ୍ୟେକ ବ୍ଲକ ଅଫିସରେ ଶହ ଶହ ସଂଖ୍ୟାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କ ଆବେଦନ ପତ୍ର ପଡ଼ି ରହିଛି। ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ କହି ବର୍ଷକୁ ଦୁଇଟି କିସ୍ତି ରେ ୧୦ ହଜାର ଟଙ୍କା ଦିଆଯାଉଛି ବୋଲି ଡଃ ସାହୁ ସମାଲୋଚନା କରିଥିଲେ। ଭୁବନ ଏନଏସି ବିଜେଡି ସଭାପତି ତଥା ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ (ଡୁଗୁ) ପ୍ରଶ୍ନ କରିଥିଲେ ଯେ ୩୦୦ ୟୁନିଟ ବିଜୁଳି ଫ୍ରି ମିଳିବ, ଧାନ ମଣ୍ଡିରେ କଟନି ଛଟନି ହେବ ନାହିଁ, ମିଲର ଓ ଦଲାଲ ରାଜ ବନ୍ଦ ହେବ, ୨୪ ଘଣ୍ଟାରେ ଚିଟ୍‌ଫଣ୍ଡ ଟଙ୍କା ମିଳିବ, ରତ୍ନ ଭଣ୍ଡାର ଗଣତି ମଣତି ହେବ ବୋଲି ଗ୍ୟାରେଣ୍ଟି ଦେଉଥିବା ନେତା କୁଆଡେ ଗଲେ ? ରାଜ୍ୟରେ ଲୋକଙ୍କ ସରକାର ନୁହେଁ, ଠକଙ୍କ ସରକାର ଚାଲିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ ୨୪ ଘଣ୍ଟା ବଦଳରେ ୨୪ ଦିନ ପରେ ମଧ୍ୟ ଚାଷୀ ଧାନ ବିକ୍ରି କରି ପଇସା ପାଉ ନଥିବା ପ୍ରକାଶ କରି ରାଜ୍ୟ ସରକାରଙ୍କ ବାହାସ୍ଫୋଟକୁ ସମାଲୋଚନା କରିଥିଲେ। ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଭିମନ୍ୟୁ ବେହେରା, ଅଜୟ ସେଠୀ, ସୋମନାଥ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବାରିକ,ପିଣ୍ଟୁ ଦାସ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନଏସି ଉପାଧ୍ୟକ୍ଷା ମାନିନୀ ସାହୁ, ବରିଷ୍ଠ ମହିଳା ନେତ୍ରୀ ପୁଷ୍ପଲତା ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ନବନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବରିଷ୍ଠ ନାଗରିକ ତଥା ୮୮ ବର୍ଷୀୟ ବିଜେଡି ପ୍ରେମୀ ବ୍ରଜବନ୍ଧୁ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ମହିଳା ଓ ପୁରୁଷ ଯୋଗଦେଇଥିଲେ। ନାରାୟଣ ନାୟକ, ବିନୋଦ ବେହେରା, ଦେବେନ୍ଦ୍ର ସାହୁ, ମୁରଲୀମୋହନ ମାହନ୍ତ, ଧନେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ସାହୁ, ରାକେଶ ପୃଷ୍ଟି, ରାକେଶ ଆଏଚ, କୁଞ୍ଜବନ ବେହେରା, ସିଲୁ ନାୟକ, ମିନୁ ରାଉତ, ସୁଶାନ୍ତ ପୃଷ୍ଟି, ଅଶୋକ ସାହୁ, ଶ୍ରୀକାନ୍ତ ସାହୁ, ଗଗନ ମହାନ୍ତି, ଅନାମ ସାହୁ, ତ୍ରିଲୋଚନ ସାହୁ, ସନ୍ଧ୍ୟାରାଣୀ ନାୟକ ପରିଚାଳନା କରିଥିଲେ।

# ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀଙ୍କ ପ୍ରତିଷ୍ଠା ଦିବସ



ଢେଙ୍କାନାଳ,୨୨।୨(ସମିସ): ଫାଲଗୁନ ମାସ ଶୁକ୍ଳପକ୍ଷ ପଞ୍ଚମୀ ରବିବାର ଶ୍ରୀ ଶ୍ରୀ ମଉଡମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନା ବଜାରର ମା' ରାଜଲକ୍ଷ୍ମୀଙ୍କ ପ୍ରତିଷ୍ଠା ଦିବସ ଯଥାରୀତି ସମ୍ପନ୍ନ ହୋଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ପୂଜା କମିଟିର ସଭାପତି ରବିନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ ବେହେରା ଓ ପୂର୍ବତନ ସଭାପତି ତଥା ପରାମର୍ଶଦାତା ରବିନାରାୟଣ ପଟ୍ଟନାୟକଙ୍କ ଉପସ୍ଥିତିରେ ଓ ପୂଜା କମିଟିର କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ ଓ ପୂଜାକମିଟି ସମ୍ପାଦକ ପୀତବାସ ସାହୁଙ୍କ ତତ୍ତ୍ୱାବଧାନରେ ଅନ୍ୟ ଟ୍ରଷ୍ଟି ଓ ପୂଜା କର୍ମକର୍ତ୍ତା ଉଦୟନାଥ ବେହେରା, ଶ୍ରୀକାନ୍ତ ମହାପାତ୍ର, ଦୟାନିଧି ବେହେରା, ଦିଲ୍ଲୀପ ସାହୁ, ବିରଞ୍ଚି ରଣା, ବିରବର ସାହୁ, ସୁଧାଂଶୁ ସାହୁ, ପ୍ରଭାତ ଦଳେଇ, ଲୋକନାଥ ମହାପାତ୍ର, ପ୍ରତାପ ମହାପାତ୍ର, ପ୍ରଫୁଲ୍ଲ ସାହୁ, ତୁଷାର ମହାପାତ୍ର, ଚନ୍ଦନ ପାତ୍ର ସହଯୋଗ କରିଥିଲେ। ସଭ୍ୟମାନେ ପ୍ରସାଦସେବନ କରିଥିଲେ। ଅନ୍ୟମାନଙ୍କୁ ଲଡୁ ବଣ୍ଟନ କରାଯାଇଥିଲା।

# କବି କାହ୍ନୁଚରଣ ଗ୍ରନ୍ଥାବଳୀ ଉନ୍ମୋଚିତ



ଢେଙ୍କାନାଳ,୨୨।୨(ସମିସ): ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଓ କବି କାହ୍ନୁଚରଣଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଏକ ମନୋଜ୍ଞ କବିତା ପାଠୋତ୍ସବରେ ଡ. କବିତା ମହାନ୍ତି ସଭାପତିତ୍ୱ କରିଥିଲେ। ନିବେଦିତା ରଥ ଓ ମମତା ମହାନ୍ତି କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଏଥିରେ ପ୍ରାୟ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନ ଗ୍ରନ୍ଥାବଳୀ ଉନ୍ମୋଚନ କାର୍ଯ୍ୟକ୍ରମରେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ ସମୀର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗବେଷକ ତଥା ପ୍ରଶାସକ ତପନ ଶତପଥୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ରମେଶ ସାହୁ, ବିଶିଷ୍ଟ ଅତିଥି ଅମ୍ବିକା ସାହୁ, ସମ୍ମାନିତ ଅତିଥି ଅଧ୍ୟାପକ ଅଞ୍ଜନ ମହାରଣା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ରାଜ୍ୟ ସଦସ୍ୟ କବି ବାହାଦୁର ପାଟ୍ଟସାହାଣୀ, ଜିଲ୍ଲା ସମ୍ପାଦକ କବି ପ୍ରମୋଦ ପରିଡା ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭ୍ୟ ତଥା ସର୍ବୋଦୟ ମଣ୍ଡଳର ସମ୍ପାଦକ ଇଂ ଲଳିତମୋହନ ବେହେରା ସଞ୍ଚାଳନା କରିଥିଲେ। ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭେନ୍ଦୁ ମହାପାତ୍ର, ପ୍ରମୋଦ ନାୟକ, ଇଂ ଫକୀର ମୋହନ ସାହୁ, ଅଧ୍ୟାପକ କ୍ଷୀରୋଦ ନାୟକ, ମଧୁସୂଦନ ଶତପଥୀ ଓ ଲଗ୍ନଜିତ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବି କାହ୍ନୁଚରଣଙ୍କ ସୁପୁତ୍ର ତଥା ଗ୍ରନ୍ଥାବଳୀର ସଙ୍କଳକ, ଶିକ୍ଷାବିତ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଢେଙ୍କାନାଳ ଜିଲ୍ଲାର ସଭାପତି ଡଃ ଦୁର୍ଗାମାଧବ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଅଟୋ ଦୁର୍ଘଟଣାରେ ଜଣେ ମୃତ, ୬ ଗୁରୁତର

ପରଜଙ୍ଗ, ୨୨।୨(ସମିସ): ପରଜଙ୍ଗ ଥାନା ପଦାପାଟିଆ ଓ ଆଖୁଆପାଳ ରାସ୍ତାର ମହୁଲଡଗର ନିକଟରେ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଦଦରାଘାଟି ଫାଣ୍ଡି ଅଧୀନ ରଙ୍ଗଥଳି ଗ୍ରାମର ଜଳଧର ପ୍ରଧାନ(୫୦)। ଗୁରୁତରମାନେ ସେହି ଗ୍ରାମର ଅଜିତ ଖଟୁଆ(୩୧), ଦୁଷ୍ମନ୍ତ ବେହେରା(୪୭), ଅର୍ଜୁନ ପ୍ରଧାନ(୬୦), ଜଗନ୍ନାଥ ପ୍ରଧାନ(୩୫), ବାଇକୁଳ ବେହେରା(୫୭) ଓ ବିରଞ୍ଚି ବେହେରା(୪୭)। ସମସ୍ତେ କୁଟୁରିଆ ଗ୍ରାମସ୍ଥିତ ମା' ବିଲେଇଶୁଣି ଶକ୍ତିପୀଠରୁ ଦର୍ଶନ କରି ଘରକୁ ଫେରୁଥି ଲେ। ଡାଲା ଅଟୋଟି ଭାରସାମ୍ୟ ହରାଇ ଶାଖା କେନାଲ ଭିତରକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଳଧରଙ୍କୁ ମୃତ ଘୋଷଣା କରାଯାଇଥିଲା ବେଳେ ଗୁରୁତରଙ୍କୁ କାମାକ୍ଷା ନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ରଙ୍ଗଥଳି ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଓଡ଼ାପଡ଼ା, ୨୨।୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦାଣ୍ଡିମାଳ ସିମିନଇଠାରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କିରଣବାଳା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତି ସଭାପତି ପୁରୁଷୋତ୍ତମ ରାଉତ ଅଧ୍ୟକ୍ଷତା କରିଥିଲେ। ଶିଶୁ ମାନଙ୍କ ମଧ୍ୟରେ ମାତୃଭାଷା ଦିବସ ଉପରେ ବକ୍ତୃତା ଓ ସ୍ୱଲେଖା ଗୀତ ଆବୃତ୍ତି କାର୍ଯ୍ୟକ୍ରମ କରାଯାଇଥିଲା। ଶିଶୁମାନେ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ■ ପାନୀୟଜଳ ପ୍ରକଳ୍ପ ଦିଗହରା

# ୫ ମାସହେବ ପାଣି ପାଇବାରୁ ବଞ୍ଚିତ ବାଘଧରିଆ ଗ୍ରାମବାସୀ

ହିନ୍ଦୋଳ,୨୨।୨(ସମିସ): ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣରେ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି, ହେଲେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଏଭଳି ଉତ୍କଟ ସ୍ଥିତି ଦେଖିବାକୁ ମିଳୁଥିବା ବେଳେ ବାଘଧରିଆ ଗ୍ରାମରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ୫ ମାସହେବ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ। ଗ୍ରାମରେ ପ୍ରାୟ ୧୫ ଶହ ଜନସାଧାରଣ ବସବାସ କରୁଛନ୍ତି। ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାରଙ୍କ ଦ୍ୱାରା ୨ଟି ବୋରିଂ ଖୋଳାଯାଇଛି, ପାଇପ ବିଛାଯାଇଛି; ହେଲେ ୫ ମାସ ହେଲା ପ୍ରକଳ୍ପରୁ ପାଣି ପାଇପାରୁନାହାନ୍ତି ଗ୍ରାମବାସୀ। ପାଣି ଟୋପେ ପାଇବା ପାଇଁ ଗ୍ରାମବାସୀ ୫ ମାସହେବ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ। ହିନ୍ଦୋଳ ଗ୍ରାମ୍ୟ ଜଳଯୋଗଣା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡ଼ିଥିବା ଅଭିଯୋଗ ହେଉଛି। ଆଉ କିଛି ଦିନ ପରେ ଗ୍ରୀଷ୍ମ ପ୍ରବାହ ରହିଥିବା ବେଳେ ଅଞ୍ଚଳବାସୀ ପାଣି ପାଇବାରୁ ଯେପରି କେହି ବଞ୍ଚିନ ନହୁଅନ୍ତି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଉଥିବା ବେଳେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଏବେ ପାନୀୟଜଳ ପ୍ରକଳ୍ପ ଖରାପ ହୋଇପଡିଛି। ଏଥିପ୍ରତି କାହାର ଧ୍ୟାନ ଯାଉନାହିଁ। ଜିଲ୍ଲାପାଳ ଏହାକୁ ବିଚାରକୁ ନେଇ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ୫ ମାସ ହେବ ପାଣି ପାଇବାରୁ ବଞ୍ଚିତ ଥିବା ଗ୍ରାମବାସୀଙ୍କୁ କିପରି ପାଣି ପାଇପାରିବେ ସୁବନ୍ଦୋବସ୍ତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**ଅଭିଯୋଗ ଶୁଣୁନାହାନ୍ତି ପ୍ରକଳ୍ପ ଅଧିକାରୀ**

# ଓମ୍‌ଫେଡ୍ ବିରୋଧରେ ଦୁଗ୍ଧ ଚାଷୀ




ଭୁବନ,୨୨।୨(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଜୀରାଳ ଗ୍ରାମର ଅନେକ ଦୁଗ୍ଧ ଚାଷୀ ଓମଫେଡ୍ ବିଭାଗର ଶୋଷଣ ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଛନ୍ତି ଅଭିଯୋଗ। ଜିରାଳ ଗ୍ରାମରେ ପୂର୍ବରୁ ପ୍ରାୟ ୨୫ ଚାଷୀ ଓମ୍‌ଫେଡକୁ ଦୁଗ୍ଧ ଯୋଗାଇ ଆସୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୪କୁ ଖସିଆସିଛି। ଉନ୍ନତ ମାନର ଦୁଗ୍ଧ ଦେବା ପରେ ମଧ ଯଦି ସଠିକ୍ ଅର୍ଥ ନ ମିଳିବ ଏବଂ ସରକାରୀ ସ୍ତରରେ କୌଣସି ପ୍ରକାର ସହାୟତା ନମିଳିବ ତାହେଲେ ଆମେ ନିଜ ଅଞ୍ଚଳରେ ବିକ୍ରି କରିବା ପରିବର୍ତ୍ତେ କଣ ପାଇଁ ସଂସ୍ଥାକୁ ଯୋଗାଇବୁ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ। ଏନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଛି। କିଛି ସୁଫଳ ମିଳୁ ନଥିବାରୁ ଆନ୍ଦୋଳନର ରାସ୍ତା ଏକମାତ୍ର ପନ୍ଥା ବୋଲି ପ୍ରତିକ୍ରିୟା ଦେଇଛନ୍ତି ଚାଷୀ ମହେଶ୍ୱର ମହାନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଓ ପ୍ରାଣୀ ବିଭାଗ ମନ୍ତ୍ରୀଙ୍କୁ ଗୁହାରି କରାଯାଇଛି। ଜିରାଳଠାରେ ୨୦୨୫ ସେପ୍‌ଟେମ୍ବର ୩ରେ ଦୁଗ୍ଧ ବିକ୍ରି ହୋଇଥିଲା। ସମିତିକୁ କେବଳ ଥର୍ମୋମିଟର ଓ ଲାକ୍ଟୋମିଟର ଦେଇଛନ୍ତି, ଅନ୍ୟ ସାମଗ୍ରୀ ଦେଉନାହାନ୍ତି। ଆରମ୍ଭ ସମୟରେ ୪୩ ଟଙ୍କା ଦେଉଥିଲେ। ଅଭିଯୋଗ ପରେ ୩୫ ଟଙ୍କା ଆଜି ପରେ ୩୦ ଟଙ୍କା ଦେବାକୁ ଧମକ ଦେଉଛନ୍ତି ଢେଙ୍କାନାଳର ଏରିଆ ମ୍ୟାନେଜର ସୁଦର୍ଶନ ପରିଡା। ତେବେ, ଅଭିଯୋଗ ସମ୍ବନ୍ଧରେ କମ୍ପାନୀ ମୁଖ୍ୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଦେଓଗାଁରେ ୭୫ ୟୁନିଟ ରକ୍ତ ସଂଗ୍ରହ



ଗଁଦିଆ,୨୨।୨(ସମିସ): ଗଁଦିଆ ବ୍ଲକ ଦେଓଗାଁଠାରେ ଚନ୍ଦ୍ରଶେଖରଜୀଉ ୟୁଥ କ୍ଲବରେ ରବିବାର ସହିଦ ସଞ୍ଜୟ ସ୍ମାରକୀ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାଘରରେ ସଭାପତି ପ୍ରହ୍ଲାଦ ମହାନ୍ତି ସମ୍ପାଦକ ଜ୍ଞାନଦୋୟ ଦାସଙ୍କ ଆୟୋଜନକ୍ରମେ ଅନୁଷ୍ଠିତ ଶିବିରକୁ ରକ୍ତଦାତା ଜିଲ୍ଲା ରେଡକ୍ରସ ଉପସଭାପତି ରାଜକିଶୋର ବେହେରା ଉଦଘାଟନ କରିଥିଲେ। ସହିଦ ସ୍ମାରକୀ ଅନୁଷ୍ଠାନ ମୁରବୀ ବିଜୟ ପୃଷ୍ଟି, କ୍ଲବ ସଦସ୍ୟ ପ୍ରଶାନ୍ତ ଦାସ, ଆଲୋକ ମହାଭୋଇ, ଆଲୋକ ବରାଳ, ଜ୍ୟୋତିବିଳାସ ସାହୁ, ତ୍ରିନାଥ ସାମଲ, ଉତ୍ତମ ମହାନ୍ତି, କାଳୀଚରଣ ସାହୁ, ଦୀପକ ବାରିକ, ସଞ୍ଜିତ ସାହୁ, ସୌମ୍ୟରଞ୍ଜନ ପରିଡା, ମୁକେଶ ଦୋରା, ବିକାଶ ରଣା ସହଯୋଗ କରିଥିଲେ। ୨ୟ ବାର୍ଷିକ ରକ୍ତଦାନ ଶିବିରକୁ ଡିପିଜିପି ମେମୋରିଆଲ ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ। ଢେଙ୍କାନାଳ ରକ୍ତଭଣ୍ଡାରର କର୍ମଚାରୀ ୭୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

# ପବିତ୍ର ରମଜାନ ଆତ୍ମଶୁଦ୍ଧି ଓ ମାନବତାର ମହାନ ପାଠ

ଢେଙ୍କାନାଳ,୨୨।୨(ସମିସ)

ପବିତ୍ର ରମଜାନ ଆସିଲେ ମନୁଷ୍ୟର ଜୀବନରେ ଏକ ଅଲୌକିକ ସଂଯମ, ଏକ ଅଦୃଶ୍ୟ ଶାନ୍ତି ଓ ଏକ ଆଧ୍ୟାତ୍ମିକ ଜାଗରଣର ପରିବେଶ ସୃଷ୍ଟି ହୁଏ। ଏହି ମାସ କେବଳ ଭୋକ ଓ ତୃଷ୍ଣାର ସହନଶୀଳତା ନୁହେଁ ବରଂ ନିଜକୁ ନିଜେ ଚିହ୍ନିବାର। ନିଜ ମନରେ ଲୁଚିଥିବା ଦୁର୍ବଳତାକୁ ଜୟ କରିବାର ଏକ ମହାନ ସୁଯୋଗ। ଇସଲାମ ଧର୍ମରେ ରୋଜା ଏକ ମୌଳିକ ଇବାଦତ। ପବିତ୍ର କୋରାନରେ ଉପବାସକୁ ମନୁଷ୍ୟର ଆତ୍ମିକ ଶୁଦ୍ଧି ଓ ତକ୍ୱା (ଈଶ୍ୱରଚେତନା) ପ୍ରାପ୍ତିର ଉପାୟ ଭାବେ ଉଲ୍ଲେଖ କରାଯାଇଛି। ଏହି ଦୈବୀୟ ଆଦେଶର ମୂଳ ସାର୍ଥକତା ହେଉଛି ମନୁଷ୍ୟ ନିଜର ଇଚ୍ଛା, ଆକାଂକ୍ଷା ଓ ଭୌତିକ ପ୍ରବୃତ୍ତି ଉପରେ ନିୟନ୍ତ୍ରଣ ସ୍ଥାପନ କରୁ। ରୋଜାର ଉଦ୍ଦେଶ୍ୟ କଦାପି ଶରୀରକୁ କଷ୍ଟ ଦେବା କିମ୍ବା ଭୋକରେ ନିର୍ଯାତନା ଭୋଗିବା ନୁହେଁ। ରୋଜା ମୂଳତଃ ଏକ ଚାରିତ୍ରିକ ଓ ଆଧ୍ୟାତ୍ମିକ ପରିବର୍ତ୍ତନର ଅଭ୍ୟାସ। ଜଣେ ରୋଜାଦାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନ୍ନଜଳ ତ୍ୟାଗ କରେ। ରମଜାନ ଆସି ଯଦି ଆମ ଜୀବନକୁ ଛୁଇଁ ଯାଏ ଓ ଆମେ ତାହାରୁ କୌଣସି ଆତ୍ମିକ ଲାଭ ଉଠାଇ ପାରିନଥାଉ। ତେବେ ସେହି ରୋଜା କେବଳ ଭୋକର ଅନୁଭୂତିରେ ସୀମିତ ରହିଯାଏ। ରମଜାନର ସତ୍ୟ ସଫଳତା ହେଉଛି ମନରେ ପବିତ୍ରତା, ଚରିତ୍ରରେ ଶୁଦ୍ଧତା ଓ ଆଚରଣରେ ମାନବତାର ପ୍ରକାଶ। ଗମ୍ଭୀର ଭାବରେ ଚିନ୍ତା କଲେ ଦେଖାଯାଏ ଯେ ରମଜାନ ମନୁଷ୍ୟକୁ କେତେକ ଅମୂଲ୍ୟ ଶିକ୍ଷା ଦେଇଥାଏ। ସହାନୁଭୂତି ଓ ମାନବତାର ଜାଗରଣ। ଏକ ଧନୀ ବ୍ୟକ୍ତି ବର୍ଷସାରା ସର୍ବୋତ୍ତମ ଖାଦ୍ୟ ଭୋଗ କରିଥାଏ। ଭୋକର ଯନ୍ତ୍ରଣା କଣ ତୃଷ୍ଣାର କଷ୍ଟ କଣ ସେ ତାହାର ସତ୍ୟ ଅନୁଭୂତି କରିପାରେନାହିଁ। ମାତ୍ର ଯେତେବେଳେ ସେହି ବ୍ୟକ୍ତି ରୋଜା ରଖେ, ଦିନ ସାରା ଅନ୍ନଜଳ ତ୍ୟାଗ କରେ ସେତେବେଳେ ତାହାର ମନରେ ଏକ ନୂତନ ଅନୁଭୂତି ଜାଗ୍ରତ ହୁଏ। ଏହି ଅନୁଭୂତି ମନୁଷ୍ୟର ହୃଦୟକୁ କୋମଳ କରେ। ଗରିବ, ଅସହାୟ ଓ ଅନାଥଙ୍କ ପ୍ରତି ସହାନୁଭୂତି ଜାଗ୍ରତ କରେ। ଏହି କାରଣରୁ ରମଜାନ ମାସରେ ଦାନ, ଜକାତ ଓ ସଦକାର ମହତ୍ତ୍ୱ ବିଶେଷ ଭାବରେ ଉଲ୍ଲେଖନୀୟ। ଏହା ସମାଜରେ ସମତା, ଭାଇଚାରା ଓ ମାନବତାର ପରିବେଶ ଗଢେ। ସଞ୍ଜମ ଓ ଆତ୍ମନିୟନ୍ତ୍ରଣର ଅଭ୍ୟାସ ରୋଜା ମନୁଷ୍ୟକୁ ନିଜ ଇଚ୍ଛା ଉପରେ ନିୟନ୍ତ୍ରଣ ଶିଖାଏ। ଯେତେବେଳେ ଜଣେ ବ୍ୟକ୍ତି ଖାଦ୍ୟ ଓ ପାନୀୟ ଭଳି ଆବଶ୍ୟକ ଜିନିଷରୁ ମଧ ନିଜକୁ ରୋକିପାରେ ସେତେବେଳେ ସେ ପାପ, କ୍ରୋଧ, ଅସତ୍ୟ, ଅନ୍ୟାୟ ଓ ଅସଂଯମୀ ଆଚରଣରୁ ମଧ ନିଜକୁ ଦୂରେ ରଖିବାର ଶକ୍ତି ଅର୍ଜନ କରେ। ରୋଜା କେବଳ ପେଟର ଉପବାସ ନୁହେଁ; ଏହା ଚକ୍ଷୁର ରୋଜା (ଅଶୁଭ ଦୃଶ୍ୟରୁ ରକ୍ଷା), ଜିଭର ରୋଜା (ମିଥ୍ୟା, ଅପବାଦ, କଠୋର କଥାରୁ ଦୂରେ ରହିବା), ମନର ରୋଜା (ଅଶୁଭ ଚିନ୍ତାରୁ ଶୁଦ୍ଧି)। ନମାଜ, କୋରାନ ପାଠ, ଦୁଆ, ଆତ୍ମଚିନ୍ତନ। ଏହି ସମସ୍ତ ଆଚରଣ ମନୁଷ୍ୟର ଆତ୍ମାକୁ ଶାନ୍ତି ଓ ଦୈବୀୟ ସାନ୍ନିଧ୍ୟର ଅନୁଭୂତି ଦେଇଥାଏ। ଯଦି ଏହି ପବିତ୍ର ମାସ ପରେ ମଧ ମନୁଷ୍ୟର ଚରିତ୍ରରେ କୌଣସି ଉନ୍ନତି ଦେଖାଯାଏନି, ଯଦି କ୍ରୋଧ, ଅସତ୍ୟ, ଅନ୍ୟାୟ, ଅସହିଷ୍ଣୁତା ପୂର୍ବବତ ରହିଯାଏ। ତେବେ ରମଜାନର ମୂଳ ଉଦ୍ଦେଶ୍ୟ ପୂରଣ ହୁଏନାହିଁ। ରୋଜା ଭୋକର କଷ୍ଟ ନୁହେଁ, ଏହା ଆତ୍ମାର ଶିକ୍ଷା। ରମଜାନ କେବଳ ଏକ ମାସ ନୁହେଁ ଏହା ମନୁଷ୍ୟର ଅନ୍ତର୍ମନରେ ଘଟୁଥିବା ଏକ ନିରବ ଆଧ୍ୟାତ୍ମିକ ବିପ୍ଳବ।

**ପବିତ୍ର ରମଜାନ ଉପଲକ୍ଷେ ବିଶେଷ ପ୍ରସ୍ତୁତି**



